## ସଂକ୍ଷେପରେ

### ପାଣିରେ ବୁଡ଼ି ମହିଳା ମୃତ

**କାଲିମେଳା,୧୭।୨(ଡି.ଏନ.ଏ.)-** ମାଲାକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ବୁଦୁଗୁଡା ଗ୍ରାମରେ ଜଣେ ମହିଳା ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ନିଜ ମାଆଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏପରି ଅଘଟଣ ଘଟିଛି। ତାଙ୍କ ନାମ ରାମେ ମାଢ଼ି ବୋଲି ଜଣାପଡିଛି । ଖବରରୁ ଜଣାପଡିଛି ପୁଷୁଗୁଡା ଗ୍ରାମର ଶଙ୍କର ମାଢ଼ିଙ୍କ ସ୍ତ୍ରୀ ରାମେ କିଛିଦିନ ହେବ ନିଜ ମାଆ ଘର ବୁଦୁଗୁଡାରେ ରହୁଥିଲେ । ରବିବାର ଅପରାହ୍ନ ୫ଟା ରେ ରାମେ ମାଆ ମୁକେ କବାସୀଙ୍କ ସହ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । କପଡା ସଫା କରି ଗାଧୋଇ ସାରି ସେ ଘରକୁ ଯିବେ ବୋଲି ମାଆଙ୍କୁ କହିବାରୁ ମୁକେ ଘରକୁ ଚାଲି ଆସିଥିଲେ। ରାମେ ଗାଧୋଉଥିବା ବେଳେ ପୋଖରୀର ଏକ ଗର୍ତ୍ତରେ ବୁଡି ଯାଇଥିଲେ । ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୀର୍ଘ ସମୟ ଧରି ଝିଅ ରାମେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ଯାଇଥିଲେ। ଏହି ସମୟରେ ରାମେଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ କାଲିମେଳା ପୋଲିସକୁ ଖବର ଦେବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ୪।୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

### ପଡିଆ: ୩ ପରୀକ୍ଷା କେନ୍ଦ୍ରରେ ଦେବେ ୪୭୦ ଛାତ୍ରୀଛାତ୍ର

**ପଡିଆ, ୧୭।୨(ଡି.ଏନ.ଏ.)-** ମାଲକାନଗିରି ଜିଲା ୭ଟି ବ୍ଲକ ମଧରେ ମୋଟ ୨୧ଟି ପରୀକ୍ଷା କେନ୍ଦ୍ର ହୋଇଛି। ଏଥିମଧରେ ପଡିଆ ବ୍ଲକରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ସେଗୁଡିକ ହେଲା ସରକାରୀ ଏସଏସଡି ହାଇସ୍କୁଲ ପଡିଆ, ସାବରି ସରକାରୀ ହାଇସ୍କୁଲ ଏମଭି ୭୯, ଏବଂ ସରକାରୀ ଏସଏସଡି ହାଇସ୍କୁଲ ଏମଭି ୭୯। ଏହି ୩ଟି ପରୀକ୍ଷା କେନ୍ଦ୍ରରେ ୪୭୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସବରି ସରକାରୀ ହାଇସ୍କୁଲ ଏମଭି ୭୯, ସରକାରୀ ଏସଏସଡି ହାଇସ୍କୁଲ ଏମଭି ୭୯, ପଡିଆ ସଦରରେ ଥିବା ଏସଏସଡି ହାଇସ୍କୁଲରେ ସିସି କ୍ୟାମେରା ଲଗାଯାଇଛି । ସେହିଭଳି କାଲିମେଳାରେ ମୋଟ ୪ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସରକାରୀ ହାଇସ୍କୁଲ ବାଲିମେଳା, ସରକାରୀ ଏସଏସଡି ବାଳିକା ହାଇସ୍କୁଲ ବାଲିମେଳା, ସରକାରୀ ୟୁଜି ହାଇସ୍କୁଲ କାଇଁରୁକୋଣ୍ଡା, ଡି.ଆର. ଆମ୍ବେଡକର ଏଚଏସ ଏମଭି-୮୮ରେ ଏହି ୪ଟି କେନ୍ଦ୍ର ହୋଇଛି। ଏହି ୪ଟି ସେଣ୍ଟରରେ ମୋଟ ୮୫୯ ଛାତ୍ରୀଛାତ୍ର ପରୀକ୍ଷା ଦେବା ବ୍ୟବସ୍ଥା ହୋଇଛି । ଯେଉଁ ପରୀକ୍ଷା କେନ୍ଦ୍ରମାନଙ୍କରେ ସିସିଟିଭି ବ୍ୟବସ୍ଥା କରାଯାଇଛି ସେହି କେନ୍ଦ୍ରମାନଙ୍କରେ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ଏକ ପ୍ରକାର ଚିନ୍ତିତ ରହିଛନ୍ତି। ଅଭିଭାବକମାନେ ମଧ ଚିନ୍ତାରେ ଅଛନ୍ତି। ସିସିଟିଭି ବ୍ୟବସ୍ଥା ଭଲ। ଏହା ଯଦି ଲଗାଇବାର ଥିଲା ସମସ୍ତ ପରୀକ୍ଷା କେନ୍ଦ୍ରମାନଙ୍କରେ ଲଗାଇବା ଆବଶ୍ୟକ ଥିଲା । ପ୍ରଶାସନ ତାହା ନ କରି ୨ଟି କେନ୍ଦ୍ରରେ ସିସିଟିଭି ଲଗାଇବାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି

**ଧରିତ୍ରୀ ପ୍ରଭାବ**

**ଛାତ୍ରୀ ବିଷଖାଇ ଆତ୍ମହତ୍ୟା ଉଦ୍ୟମ ଘଟଣା**

**କାଲିମେଳା,୧୭।୨(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଞ୍ଚାୟତର କାଙ୍ଗୁରୁକୋଣ୍ଡା କସ୍ତୁରବା ବାଳିକା ବିଦ୍ୟାଳୟର ଛାତ୍ରୀ ନିବାସରେ ରହି ପାଠ ପଢୁଥିବା ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗତ ନଭେମ୍ବରରେ ଛାତ୍ରୀ ନିବାସ ଭିତରେ ବିଷଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ. ବିଜୟ ଲକ୍ଷ୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଘଟଣାର ପ୍ରାୟ ୩ ମାସରୁ ଊର୍ଦ୍ଧ୍ୱ ସମୟ ପରେ ତାଙ୍କୁ କାଙ୍ଗୁରୁକୋଣ୍ଡା ବିଦ୍ୟାଳୟରୁ ଏମଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ତେବେ ଘଟଣା ଘଟିବା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଶିକ୍ଷା ବିଭାଗ ଘଣ୍ଟ ଘୋଡ଼ାଇବା ଲାଗି ଉଦ୍ୟମ କରିଥିଲା। ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଧରିତ୍ରୀ ପ୍ରଶ୍ନ ଉଠାଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଫଳରେ ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଗତ ଡିସେମ୍ବର ୬ରେ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ଚୁପ୍ ରହିଥିଲେ। ତେବେ ଖବର ପ୍ରକାଶ ପରେ ଜିଲାପାଳ ମନୀଷ ଅଗ୍ରୱାଲ ଘଟଣାକୁ ଗୁରୁତର ସହ ନେଇଥିଲେ। ସେ ଗତ ୧୧।୨।୨୦୨୦ରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲା ଶିକ୍ଷା ଅଧିକାରୀ ତାଙ୍କ ଚିଠି ନଂ. ୪୯୯/୧୭।୨।୨୦୨୦ରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀଙ୍କୁ ବଦଳି କରିବା ପାଇଁ କାଲିମେଳା ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ବିଜୟଲକ୍ଷ୍ମୀଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ ଏମଭି-୯୦ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯସ୍ମିତା ମହାନ୍ତିଙ୍କୁ କାଙ୍ଗୁରୁକୋଣ୍ଡା ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। କାଲିମେଳା ବିଇଓ କାର୍ଯ୍ୟାଳୟ ପକ୍ଷରୁ ଉଭୟ ଶିକ୍ଷୟିତ୍ରୀଙ୍କୁ ନିଜ ନିଜ କାର୍ଯ୍ୟ ସ୍ଥଳରେ ତୁରନ୍ତ ଯୋଗ ଦେବାକୁ କୁହାଯାଇଛି । ଅନ୍ୟପକ୍ଷରେ ସମାନ ଘଟଣାରେ ଏମପିଭି-୮୧ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବାବେଳେ କାଙ୍ଗୁରୁକୋଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ନେଇ ଏବେ ପ୍ରଶ୍ନ ଉଠିଛି। ଏମପିଭି-୮୧ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ମାଡ଼ ମାରିବାରୁ ସେ ବିଭିନ୍ନ ପ୍ରକାର ଔଷଧ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। କାଙ୍ଗୁରୁକୋଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିବା ପାଇଁ ସାଧାରଣରେ ଦାବି ହେଉଛି।

**ଜନ୍ମଦିନ ଶୁଭେଚ୍ଛା**



**ଅନୁପ୍ରିୟା ମିଶ୍ର (ଗୁଡ୍ଡୁ)**
(ରାଉରକେଲା)
ତୋର ପ୍ରଥମ ଜନ୍ମ ବାର୍ଷିକରେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା'ତାରିଣୀଙ୍କ କୃପାରୁ ତୋର ସର୍ବ ମଙ୍ଗଳ ହେଉ।
-:ଶୁଭେଚ୍ଛା ସହ:-
ବାବା, ମାମା, ଅଜା, ଆଇ, ଜେଜେବାପା, ଜେଜେ ମା', ମାମୁ, ମାଇଁ, ପିଉସୀ ଓ ବନ୍ଧୁ ପରିବାରବର୍ଗ ।
ଧ-୧୬୭୭୫

### ୧୭ ଶହ କିଗ୍ରା ମହୁଲ ପୋଚ ନଷ୍ଟ

**ଜୁନାଗଡ,୧୭।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଜୁନାଗଡ ବ୍ଲକରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୭ଶହ ମହୁଲ ପୋଚ ନଷ୍ଟ କରାଯାଇଛି ।

## ତଲାସୀ ବେଳେ ମିଳିଲା ବହୁ ମାଓବାଦୀ ସାମଗ୍ରୀ



ଜବତ ମାଓବାଦୀ ସାମଗ୍ରୀ ।

**ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା**

**ମାଲକାନଗିରି,୧୭।୨(ଡି.ଏନ.ଏ.)**

ମାଲକାନଗିରି ଜିଲାର ମୁଦୁଲିପଡ଼ା ଥାନା ଅନ୍ତର୍ଗତ ବଣ୍ଡାପଡ଼ା ଓ ସମ୍ବଲପୁର ଗ୍ରାମ ଜଙ୍ଗଲରେ ଗତ ୧୫ରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଘଟଣା ପରେ ବହୁ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଏସପି ଋଷିକେଶ ଡି.ଖିଲାରି କହିଛନ୍ତି ଯେ, ଗତ ୧୫ରେ ପ୍ରାୟ ୨୦/୩୦ ଜଣ ମାଓବାଦୀ ବଣ୍ଡାପଡ଼ା ଓ ସମ୍ବଲପୁର ଗ୍ରାମ ଜଙ୍ଗଲରେ ମେଳି କରିଥିବା ଖବର ପାଇ ବିଏସଏଫ, ଡିଭିଏଫ ଓ ଏସଓଜି ଯବାନଙ୍କ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିବାରୁ ଏହାର ପ୍ରତି ଜବାବରେ ପୋଲିସ ପକ୍ଷରୁ ମଧ ପାଲଟା ଗୁଳି ଚାଳନା କରାଯାଇଥିଲା । ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଞ୍ଚ ଜଙ୍ଗଲର ସୁବିଧା ନେଇ ସେଠାରୁ ଖସି ପଳାଇବାକୁ ସକ୍ଷମ ହୋଇଥିଲେ । ପରେ ଯବାନମାନେ ଘଟଣାସ୍ଥଳ ତଲାସୀ କରିବାରୁ ସେଠାରୁ ଗୋଟିଏ ମାଓବାଦୀ ପୋଷାକ, ୨ଟି ଶାର୍ଟ, ଗୋଟିଏ ବେଲ୍ଟ, ଗୋଟିଏ ଟୋପି, ୩ଟି କିଟ ବ୍ୟାଗ, ଗୋଟିଏ ହଳ ଜୋତା, ଗୋଟିଏ ମୋବାଇଲ ଫୋନ, ରୋଷେଇ ସାମଗ୍ରୀ, ଗୋଟିଏ ଚାର୍ଜର ଷ୍ଟାଣ୍ଡ, ୨ଟି ଟର୍ଚ୍ଚ ଲାଇଟ, ୨ଟି କମ୍ବଳ, ଗୋଟିଏ ହଳ ସାଦା ପୋଷାକ, ଗୋଟିଏ ଡେକଚି, ଗୋଟିଏ ଜାଲ, ୩ଟି ପାଣି ଜାରକିନ, ୨ଟି ଷ୍ଟିଲ ଟିଫିନ ବାକ୍ସ, ୨ଟି ଷ୍ଟିଲ ଜଗ, ୨ଟି ଷ୍ଟିଲ ପ୍ଲେଟ, ୨ଟି ଷ୍ଟିଲ ଚାମଚ ସହ ଅନ୍ୟାନ୍ୟ କେତେକ ବ୍ୟବହୃତ ସାମଗ୍ରୀ ଜବତ ହୋଇଥିବା ଏସପି ଖିଲାରି ପ୍ରକାଶ କରିଛନ୍ତି। ଗତ କିଛି ଦିନ ହେଲା ପୋଲିସ ପକ୍ଷରୁ ଲଗାତର କୋମ୍ବିଂ ଅପରେଶନ କରାଯାଇ ମାଓବାଦୀ ସଙ୍ଗଠନ ଉପରେ ଚାପ ପ୍ରୟୋଗ କରାଯାଉଛି । ଯାହାର ଫଳ ସ୍ୱରୂପ ପୋଲିସକୁ ସଫଳତା ମିଳୁଛି ବୋଲି ସେ କହିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଗଢ଼ାହେଲା ସମନ୍ୱୟ କମିଟି

**ମାଲକାନଗିରି,୧୭।୨(ଡି.ଏନ.ଏ.)**



ସମନ୍ୱୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ମାଲକାନଗିରି ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଧନଜୀବନ ସୁରକ୍ଷା, ଉଦ୍ଧାର କାର୍ଯ୍ୟ, ପୂର୍ବ ପ୍ରସ୍ତୁତି ନେଇ ଏକ ସମନ୍ୱୟ କମିଟି ସୋମବାର ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧକ୍ଷତାରେ ଗଠିତ ହୋଇଛି। ଜିଲାର ସମସ୍ତ ବିଡିଓ, ତହସିଲଦାର ଏବଂ ସାମାଜିକ ଅନୁଷ୍ଠାନ ପରିବର୍ତ୍ତନ, ସିୱାଇଏସଡି, ପୁଷ୍ପକ ସଂସ୍ଥାର କର୍ମକର୍ତ୍ତାଙ୍କୁ ନେଇ ଏହି ଟିମ୍ ଗଠିତ ହୋଇଛି । ପ୍ରତି ବ୍ଲକ୍‌ରେ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ସାମାଜିକ କର୍ମୀ ଏବଂ ପଦାଧିକାରୀଙ୍କୁ ନେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସତର୍କତା ଅବଲମ୍ବନ, ଉଦ୍ଧାର କାର୍ଯ୍ୟ, ରିଲିଫ୍, କ୍ଷତିଗ୍ରସ୍ତଙ୍କୁ ଆଶ୍ରୟ, ରନ୍ଧାଖାଦ୍ୟ ଯୋଗାଣ, ନୌକା ଏବଂ ଖାଦ୍ୟଶସ୍ୟ ମହଜୁଦ୍ ରଖାଯାଇ ପାରିବ ସେ ସମ୍ପର୍କରେ ସଚେତନ କରାଯିବ । କମିଟିରେ ପରିବର୍ତ୍ତନ ଅନୁଷ୍ଠାନ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ। ମାଲକାନଗିରି ଜିଲାରେ ଯେପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୌଣସି ଧନ ଜୀବନ ନଷ୍ଟ ନ ହୁଏ , ନାଗରିକମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଏହି ସମନ୍ୱୟ କମିଟି ଯତ୍ନବାନ ହେବ ବୋଲି ସହକାରୀ ଜରୁରିକାଳୀନ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି। ପ୍ରକଳ୍ପ ଅଧିକାରୀ ସୁଧାଂଶୁ ଶେଖର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

### ଲମ୍ବସରୀରୁ ୧୦ କେଜି ଗଞ୍ଜେଇ ଜବତ

**କଣ୍ଟାମାଳ,୧୭।୨(ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଲମ୍ବସରୀ ପଞ୍ଚାୟତ ନିକଟରୁ ସୋମବାର ୧୦ କେଜି ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ପୋଲିସ କାହାକୁ ଗିରଫ କରିନାହିଁ। ଲମ୍ବସରୀ ଠାରୁ ପଲଶଗୋରାକୁ ବାଇକ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କଣ୍ଟାମାଳ ପୋଲିସ ଧରିଥିଲା । ଚାଲାଣକାରୀ ଫେରାର ହୋଇ ଯାଇଥିବା ବେଳେ ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ । ତେବେ ଏ ନେଇ ତଦନ୍ତ ଚାଲିଛି ବୋଲି ଆଇଆଇସି ଅଶ୍ୱିନୀ ଭିତ୍ରିଆ କହିଛନ୍ତି ।

### ୨ଶହ ଚାଷୀଙ୍କୁ ବିହନ ବଣ୍ଟନ



**ଚିତ୍ରକୋଣ୍ଡା,୧୭।୨(ଡି..ଏନ.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନୂଆଗୁଡା ପଞ୍ଚାୟତର ନରସିଂହପୁର, ପୁରୁଣାପାଣି, ରଥଗୁଡା, ନୂଆଗୁଡା, ଆରଏସସି -୧୧, ୧୦ ଓ ୧୯ ନଂ. ଗ୍ରାମ ଏବଂ ଫୁଲପଦର, ପଲ୍ଲିଗୁଡା, ବନଗୁରୁ, ଲାମ୍ବାସିଙ୍ଗ ଗ୍ରାମରେ ଚିତ୍ରକୋଣ୍ଡା ସ୍ଥିତ ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୨ଶହ ଚାଷୀଙ୍କୁ ମାଗଣାରେ ବିହନ ବଣ୍ଟନ କରାଯାଇଛି। ସେମାନଙ୍କୁ ବାଇଗଣ, କଲରା, ଲାଉ, ଭେଣ୍ଡି, ଲଙ୍କା, କୋଶଳା ଶାଗ ଓ ଟମାଟୋ ବିହନ ପ୍ରଦାନ କରାଯାଇଛି।

### ନାବାଳକ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ସିନାପାଲି,୧୭।୨(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଝାରବନ୍ଧ ଗ୍ରାପ ମାଲପଡା ନିବାସୀ ପ୍ରେମସିଂହ ମାଝିଙ୍କ ପୁଅ ଡିଜେନ୍ଦ୍ର ମାଝି (୧୭) ଗୁଜୁରାଟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ପ୍ରାପ୍ତ ଖବର ଅନୁସାରେ ଡିଜେନ୍ଦ୍ର ପଡୋଶୀ ସମ୍ପର୍କୀୟମାନଙ୍କ ସହିତ ଦାଦନ ଖଟିବା ପାଇଁ କିଛି ମାସ ହେବ ଗୁଜୁରାଟକୁ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଶନିବାର ତାର ଦୁଇ ହାତ ମେଶିନରେ କଟି ଯାଇଥିଲା । ତାଙ୍କୁ ତୁରନ୍ତ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହା ସତ୍ତ୍ୱେ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଗାଁକୁ ତାଙ୍କ ମୃତଦେହ ପହଞ୍ଚିବ ବୋଲି ପରିବାର ସୂତ୍ରରୁ ଜଣାପଡିଛି।

## ମୋଟୁ-କାଲେରୁ ସେତୁ ଉଦ୍‌ଘାଟନ ବିଳମ୍ବ

### ଗ୍ରାମବାସୀ ଧାରଣା ଦେବେ ଆଜି

**କାଲିମେଳା,୧୭।୨(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ସୀମାନ୍ତ ମୋଟୁ ଅଞ୍ଚଳର ଓଡିଶା ଏବଂ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା କାଲେରୁ ସେତୁ ନିର୍ମାଣ କାର୍ଯ୍ୟ ଆଜିକୁ ପ୍ରାୟ ବର୍ଷେରୁ ଅଧିକ ସମୟ ହେଲା ସରିଯାଇଛି। ମାତ୍ର ଏଯାଏ ସେତୁ ଉଦ୍‌ଘାଟନ ହୋଇପାରୁନାହିଁ । ଏ ନେଇ ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ସ୍ଥାନୀୟ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କେହି ଶୁଣୁନାହାନ୍ତି। ଫଳରେ ଲୋକମାନଙ୍କୁ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଏହାର ପ୍ରତିବାଦରେ ମଙ୍ଗଳବାର ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେତୁ ନିକଟରେ ଅଞ୍ଚଳର ସମସ୍ତ ଜନସାଧାରଣ ଏବଂ ଜନ ପ୍ରତିନିଧିମାନେ ମିଳିତ ଧାରଣା ଦେବେ। ସୂଚନାଯୋଗ୍ୟ ଯେ, ମୋଟୁର ବାମପାର୍ଶ୍ୱରେ ସିଲେରୁ ନଦୀ ଉପରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ପ୍ରାୟ ୨୦ କୋଟି ଟଙ୍କାରେ ନିର୍ମିତ ଏହି କାଲେରୁ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିବା ବେଳେ ସେତୁକୁ ଲାଗିଥିବା ଓଡିଶା ପଟୁ ଆପ୍ରୋଚ ରାସ୍ତା ହୋଇପାରି ନ ଥିଲା । ତେବେ ବହୁ ଦାବି ପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ବାକି ଥିବା ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ଏହା ସତ୍ତ୍ୱେ ଏହି ସେତୁ ଉଦ୍‌ଘାଟନ କରାଯାଉନାହିଁ। ସେତୁ ଉଦ୍‌ଘାଟନ ହେଲେ ମାଲକାନଗିରି ଜିଲାବାସୀ ବିଶେଷ ଭାବରେ ଉପକୃତ ହେବେ ।

## ବରିଷ୍ଠ ନାଗରିକଙ୍କୁ ନେଇ ଆଇସିଆଇସିଆଇ ବ୍ୟାଙ୍କର ବୈଠକ



ବୈଠକରେ ଯୋଗ ଦେଇଥିବା ବରିଷ୍ଠ ନାଗରିକମାନେ ।

**ମାଲକାନଗିରି,୧୭।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଆଇସିଆଇସିଆଇ ବ୍ୟାଙ୍କର ଶାଖା ପରିଚାଳକ ଲକ୍ଷ୍ମୀ ନାରାୟଣ ନାୟକଙ୍କ ଅଧକ୍ଷତାରେ ବ୍ୟାଙ୍କ ପରିସରରେ ବରିଷ୍ଠ ନାଗରିକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହ ଅବସର ସମୟରେ ସେମାନଙ୍କର ଯେପରି କୌଣସି ଶାରୀରିକ,ମାନସିକ ଏବଂ ଆର୍ଥିକ ସମସ୍ୟା ନ ହୁଏ ସେଥିପାଇଁ ଆଇସିଆଇସିଆଇ ବ୍ୟାଙ୍କ ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ ପାଇଁ ଆଗେଇ ଆସିବ। ପ୍ରତି ମାସରେ ବ୍ୟାଙ୍କ ତରଫରୁ ଜିଲାର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ସମ୍ମିଳନୀ ହେବ। ଏଥିରେ ବରିଷ୍ଠ ନାଗରିକମାନଙ୍କ ପରିବାର ଲୋକେ ଅଂଶଗ୍ରହଣ ନେଇ ବ୍ୟବସ୍ଥା କରାଯିବ। ଫଳରେ ସମସ୍ତଙ୍କ ଉପସ୍ଥିତିରେ ସମସ୍ୟା ଆଲୋଚନା ହେଲେ ତାହା ଦୂର ହୋଇପାରିବ ବୋଲି ବ୍ୟାଙ୍କ ପକ୍ଷରୁ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକ ସଂଘର ସଭାପତି ରତିକୃଷ୍ଣ ପାତ୍ର, ଉପ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦୁର୍ଯ୍ୟୋଧନ ପାତ୍ରଙ୍କ ସହ ଶତାଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କ ପକ୍ଷରୁ ଉପ ପରିଚାଳକ ପ୍ରସାଦ କୁମାର ବେଗ୍‌ରି, ବିପିନ୍‌ବିହାରୀ ସୁବୁଦ୍ଧି, ଦୁର୍ଗା ପ୍ରସାଦ ସାହୁ, ଶିବ ନାରାୟଣ ଦଳାଇ, ସଦାଶିବ ଧର, ଭାଗୀରଥି ସ୍ୱାଇଁ, ସୌମ୍ୟରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳ ଯୋଗାଣ ବନ୍ଦ : ଲୋକେ ହନ୍ତସନ୍ତ

**କୋରୁକୋଣ୍ଡା ୧୭।୨(ଡ଼ି. ଏନ. ଏ)**

- ବର୍ଷେ ହେଲାଣି ଅଚଳ ପ୍ରକଳ୍ପ ମରାମତି ହେଉନି
- ଅଭିଯୋଗ କଲେ ମଧ ପ୍ରଶାସନ ଶୁଣୁନି
- ପାଣି ପାଇଁ ୭୦ ପରିବାର ହୀନସ୍ତା



ଅଚଳ ହୋଇପଡିଥିବା ଜଳଯୋଗାଣ ପ୍ରକଳ୍ପ ।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରସ୍ଥିତ ଶାରଦାଗୁଡା ଗ୍ରାମରେ ଜଳ ଯୋଗାଣ ବନ୍ଦ ଯୋଗୁ ଲୋକେ ପାଣି ମୁନ୍ଦେ ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରାୟ ୭୦ ପରିବାର ବସବାସ କରୁଥିବା ଏହି ଗ୍ରାମର ପାନୀୟ ଜଳ ସମସ୍ୟା ସମାଧାନ ଲାଗି ୨ବର୍ଷ ତଳେ ଗ୍ରାମରେ ସୋଲାର ପ୍ରକଳ୍ପ ନିର୍ମାଣ କରାଯାଇଥିଲା। କିଛି ମାସ ବ୍ୟବହାର ପରେ ଏହା ଅଚଳ ହୋଇଯାଇଥିଲା। ପରେ ପ୍ରଶାସନ ଏହାକୁ ମରାମତି କରିଥିଲା । ମରାମତିର କିଛି ମାସ ପରେ ପୁଣି ଏହି ପ୍ରକଳ୍ପ ଅଚଳ ହୋଇପଡିଛି । ବର୍ଷେ ବିତିଯାଇଥିଲେ ମଧ ଏହାକୁ ମରାମତି କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ୱାର୍ଡମେମ୍ବର କସା ମାଡି କହିଛନ୍ତି। ସୋଲାର ପାଣି ଟାଙ୍କିକୁ ପାଣି ଯୋଗାଉଥିବା ନଳକୂପ ମଧ ଇତି ମଧରେ ଅଚଳ ହୋଇପଡିଛି । ଫଳରେ ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଆଗକୁ ଖରାଦିନ ଆସୁଥିବାରୁ ଏହାକୁ ସଜଡା ନଗଲେ ଜଳ ସମସ୍ୟା ଆହୁରି ଉତ୍କଟ ହେବ ବୋଲି ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**ମନେ ପଡନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ନିତ୍ୟାନନ୍ଦ ସାହୁ**
ଦଶାହ - ତା୧୮.୨.୨୦୨୦ (ମଙ୍ଗଳବାର)
ତିରୋଧାନ - ୦୯.୦୨.୨୦୨୦ (ରବିବାର) ପ୍ରାତଃ ୬.୩୦
ସ୍ଥାନ - ଗଣାମାଲୁ ସାହି, ବାଲିସାହି,ପୁରୀ
ହତଭାଗ୍ୟ ପୁତ୍ରମାନେ
ନୃସିଂହ ପ୍ରସାଦ ସାହୁ, ନାରାୟଣ ସାହୁ, ଭଗବାନ ସାହୁ, ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୮୮୧୮

CLASSIFIED DISPLAY

ବାସ୍ ଏବେ ଆଉ ଦୁଃଖ କାହିଁକି ?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍‌ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶୀକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ



ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
9911195449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି ?
8376889657 9971793786

# ସଂଖ୍ୟା ବଳରେ ଅଧ୍ୟକ୍ଷ ଦୌଡ଼ରେ କଂଗ୍ରେସ ଆଗୁଆ

## ଏକାଠି ହୋଇ ବାଜି ପଲଟାଇ ପାରନ୍ତି ବିଜେଡି, ଭାଜପା

ରାୟଗଡ଼ା ଅଫିସ,୧୭।୨

ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ବୁଧବାର ନିର୍ବାଚନ। ଏହା ପୂର୍ବରୁ ୩ ରାଜନୈତିକ ଦଳ ଭିତରୁ କଂଗ୍ରେସ ନିଜ ରଣନୀତି ସ୍ପଷ୍ଟ କରିସାରିଛି। କଂଗ୍ରେସ ପାଖରେ ସର୍ବାଧିକ ସଦସ୍ୟ ଥିବାରୁ ଦଳ ଅଧ୍ୟକ୍ଷ ପଦ ହାତେଇବା ଦୌଡ଼ରେ ଆଗୁଆ ରହିଛି। କିନ୍ତୁ ବିଜେଡି ଓ ଭାଜପା ଏନେଇ କଣ କରିବେ, ତାହାର ଚିତ୍ର ସ୍ପଷ୍ଟ ହୋଇନାହିଁ। ଚର୍ଚ୍ଚା ହେଉଛି, ଏହି ଦୁଇଟି ଦଳର ସଭ୍ୟମାନେ ମିଶି ସଂଖ୍ୟାଗରିଷ୍ଠତା ସହ ବୁଝାମଣା ଭିତ୍ତିରେ ଅଧ୍ୟକ୍ଷ ପଦ ନେବାକୁ ଯୋଜନା କରୁଛନ୍ତି। ଏହା କେତେ ସତ, ତାହା ବୁଧବାର ନିର୍ବାଚନୀ ଚିତ୍ର ସ୍ପଷ୍ଟ କରିବ। ଗତ ଥର ଅଧ୍ୟକ୍ଷ ପଦ ହାତେଇଥିବା କଂଗ୍ରେସ ଏଥର ମଧ୍ୟ ସେହି ଆସନରେ ନିଜ ଦଳର ସଭ୍ୟଙ୍କୁ ଆସୀନ କରିବା ପାଇଁ ପୂରା ଦମ୍‌ରେ ଲାଗିଛି। ଦଳୀୟ କର୍ମୀମାନେ ଏନେଇ ବେଶ୍ ଉତ୍ସାହିତ ଓ ତତ୍ପର ଅଛନ୍ତି। ୨୧ ଜଣ ଜିଲା ପରିଷଦ ସଭ୍ୟାଙ୍କ ମଧ୍ୟରୁ କଂଗ୍ରେସ ହାତରେ ୧୦ ଜଣ ସଭ୍ୟ ରହିଛନ୍ତି। ତେଣୁ ସଂଖ୍ୟା ବଳରେ କଂଗ୍ରେସ ଜିଲା ପରିଷଦ ଅଧ୍ୟକ୍ଷ ପଦ ଦୌଡ଼ରେ ଆଗୁଆ ରହିଛି। କଂଗ୍ରେସ ଦଳ ଏହି ଆସନ ପାଇଁ ଦୃଢ଼ବିଶ୍ୱାସୀ ହୋଇ ନିର୍ବାଚନ ପୂର୍ବରୁ ମିଠା ବାଣ୍ଟୁଥିବା ଦେଖିବାକୁ ମିଳିଛି। ଯଦି କେହି କଂଗ୍ରେସ ଦଳରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରିବେ, ଅନ୍ୟ ଦଳରେ ମଧ୍ୟ କ୍ରସ ଭୋଟିଂ କରାଇବାର କ୍ଷମତା ଆମ ଦଳରେ ରହିଛି ବୋଲି ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି।

ଅନ୍ୟପକ୍ଷରେ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପାର ଆଭିମୁଖ୍ୟରୁ ନିର୍ବାଚନୀ ସମ୍ପର୍କିତ କିଛି ସ୍ପଷ୍ଟ ଚିତ୍ର ମିଳୁନାହିଁ। କେନ୍ଦ୍ରର ଭାଜପା ଓ ରାଜ୍ୟ ବିଜେଡି ମଧ୍ୟରେ କେତୋଟି ବିଷୟରେ ଆପୋଷ ବୁଝାମଣା ଥିବାରୁ ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚନରେ ମଧ୍ୟ ତାହା ପ୍ରତିଫଳିତ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବିଜେଡି ନେତା ତଥା ରାଜ୍ୟସଭା ସଭ୍ୟ ଏନ୍. ଭାସ୍କର ରାଓଙ୍କ ଅନୁସାରେ ଦଳୀୟ ସଭ୍ୟଙ୍କ ସଂଖ୍ୟା ଗରିଷ୍ଠତା ନାହିଁ। ୭ ଜଣ ସଭ୍ୟଙ୍କୁ ନେଇ ଜିଲା ପରିଷଦ ଅଧ୍ୟକ୍ଷ ପଦ ହାତେଇବା ଅତି କଷ୍ଟକର ବୋଲି ସେ କହିଛନ୍ତି। କିନ୍ତୁ ବିଜେଡି ରଣନୀତି ଓ ରାଜ୍ୟସଭା ସଭ୍ୟଙ୍କୁ ଜାଣିଥିବା ରାଜନୀତି ସମୀକ୍ଷକମାନେ ମତ ଦେଉଛନ୍ତି ଯେ ଏହା ରାଜନୈତିକ ଝଡ଼ ପୂର୍ବର ଏକ ନିରବତା। ରାୟଗଡ଼ା ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କ ଅନୁସାରେ ଭୋଟିଂ ନିଷ୍ପତ୍ତି ପାଇଁ ଦଳୀୟ ସଭ୍ୟ ଓ ଜିଲା ସଭାପତି ରାଜଧାନୀ ଗସ୍ତ କରିଛନ୍ତି। ଭାଜପା ପାଖରେ ସଂଖ୍ୟାଗରିଷ୍ଠତା ନ ଥିବାରୁ ଦଳ କୌଣସି ପ୍ରାର୍ଥୀଙ୍କୁ ସମର୍ଥନ ନ କରି ଭୋଟ୍‌ଦାନରୁ ବିରତି ରହିବା ଭାଜପା ପାଇଁ ସ୍ୱାଭିମାନର ବିଷୟ ହେବ ବୋଲି ସେ କହିଛନ୍ତି। ତେବେ ଏହି ଦୁଇଟି ଦଳର ନିରବତା ଭିତରେ ଅନ୍ୟ ଏକ କଥା ଗୁଞ୍ଜରିତ ହେଉଛି ଯେ, କଂଗ୍ରେସ ପାଖରେ ଅଧିକ ସଭ୍ୟ ଥିଲେ ମଧ୍ୟ ଯଦି ବିଜେଡି ଓ ଭାଜପା ମିଶିଯାଆନ୍ତି, ତେବେ ସେମାନେ ସଂଖ୍ୟାଗରିଷ୍ଠ ହୋଇ ଆପୋଷ ବୁଝାମଣାରେ ବିଜୟୀ ହେବା ସହ ଅଧ୍ୟକ୍ଷ ପଦ ହାତେଇପାରିବେ। ଉଲ୍ଲେଖଯୋଗ୍ୟ, ୨୦୧୭ରେ ରାୟଗଡ଼ା ଜିଲାର ୨୨ ଜଣ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ କଂଗ୍ରେସ, ୭ ଜଣ ବିଜେଡି ଓ ୪ ଜଣ ଭାଜପାରେ ସଭ୍ୟ ଥିଲେ। ସେଥର କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ଜିଲା ପରିଷଦ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ। ସେତେବେଳେ କଂଗ୍ରେସ ଓ ଭାଜପା ଦଳର ସଭ୍ୟ କ୍ରସ୍ ଭୋଟିଂ କରିଥିବା ଅଭିଯୋଗ ହୋଇଥିଲା।

## ସଂକ୍ଷେପରେ

### ୧୫ ବଖରା ଭସ୍ମୀଭୂତ



ଗୁଣପୁର,୧୭।୨(ଡି.ଏନ.ଏ): ରାୟଗଡା ଜିଲା ପଦ୍ମପୁର ବ୍ଲକ ଖମ୍ବାରିଗୁଡା ଗ୍ରାମର ଗୌଡସାହିରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ୪ ପରିବାରର ୧୫ ବଖରା ଭସ୍ମୀଭୂତ ହୋଇଯାଇଛି। ଭୀମସେନ ଗୌଡ, ସୀମାଞ୍ଚଳ ଗୌଡ, କୈଳାସ ଗୌଡ ଏବଂ ମାୟାଧାର ପଟ୍ଟନାୟକଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ପଦ୍ମପୁର ଦମକଳବାହିନୀ ଘଟଣାସ୍ଥଳରେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପଦ୍ମପୁର ତହସିଲଦାର ବିପନ୍ନ ପରିବାରକୁ ଭେଟି ପଲିଥିନ ଏବଂ ଚାଉଳ ପ୍ରଦାନ କରିଛନ୍ତି। ସରପଞ୍ଚ ମଧ୍ୟ ଘଟଣାସ୍ଥଳରେ ପହଁଞ୍ଚିଥିଲେ। ପଞ୍ଚାୟତ ତରଫରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି।

### ଦେଶୀ ମଦ , ସଲପ ତାଡ଼ି ଜବତ, ୩ ଗିରଫ

ରାୟଗଡ଼ା ଅଫିସ ,୧୭।୨: ରାୟଗଡ଼ା ଅବକାରୀ ବିଭାଗ ପୃଥକ୍ ପୃଥକ୍ ସ୍ଥାନରୁ ଦେଶୀ ମଦ ଓ ସଲପ ତାଡ଼ି ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି।

ହାଲୁଆରୁ ରାୟଗଡ଼ା ଅଭିମୁଖେ ଯାଉଥିବା ଏକ ଅଟୋରୁ ଅବକାରୀ କର୍ମଚାରୀମାନେ ୬୦ ଲିଟର ରନ୍ଧା ଦେଶୀ ମଦ ଜବତ କରିଥିଲେ। ଏଥିସହ ଅଟୋ ଡ୍ରାଇଭର ପ୍ରସାଦ ସେନାପତିଙ୍କୁ ଗିରଫ କରାଯାଇଛି । ସେହିପରି କୋଟାପେଟାରୁ ରାୟଗଡ଼ା ଅଭିମୁଖେ ଆସୁଥିବା ୨ ବାଇକ ରୁ ୧୨୦ ଲିଟର ସଲଫ ତାଡ଼ି ଜବତ କରାଯାଇଛି। ଏହି ଘଟଣାରେ ୨ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସୁରେସ ହୁଇକା (୩୦) ଜାଗିଲୀ ହିମିରୀକା( ୩୨)। ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ତତ୍ତ୍ୱାବଧାନରେ ରାୟଗଡ଼ା ଅବକାରୀ ଥାନା ସୂର୍ଯ୍ୟନାରାୟଣ ରଥ , ଅବକାରୀ ଏଏସଆଇ ତିରୁପତି ପଟ୍ଟନାୟକ, ଅବକାରୀ ସିପାହି ନିମାଇଁ ଚରଣ ମିଶ୍ର , ସୁଶାନ୍ତ କୁମାର ପାତ୍ର, ହୁଇକା ଜଗରାଓ , ଭବାନୀ ତ୍ରିପାଠୀ , ଘନଶ୍ୟାମ ବେହେରା ଚଢାଉରେ ସାମିଲ ହୋଇଥିଲେ।

### ସାଇବର କ୍ରାଇମ: ୫୦ ହଜାର ଟଙ୍କା ଠକେଇ ଅଭିଯୋଗ

ଗୁଣପୁର,୧୭।୨(ଡି.ଏନ.ଏ):ସାଇବର କ୍ରାଇମର ଶୀକାର ହୋଇ ଜୈନକ ଯୁବକଙ୍କ ଠାରୁ ୫୦ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ରାୟଗଡା ଜିଲା ଗୁଣପୁର ସହର ଶେଖର ନଗର ଅଞ୍ଚଳରେ ରହୁଥିବା ଜି. ଶ୍ରୀନୁ ନାମକ ଜୈନକ ଯୁବକଙ୍କ ନିକଟକୁ ସୋମବାର ଏକ ଫୋନକଲ ଆସିଥିଲା। ବ୍ୟାଙ୍କରୁ କହୁଛି। ତୁମର ଏଟିଏମ ସମସ୍ୟା ରହିଛି। ଏହାକୁ ସଂଶୋଧନ କରାଯିବ। ତେଣୁ ତୁମେ ସମସ୍ତ ତଥ୍ୟ ଦିଅ ବୋଲି କହିଥିଲେ। ପରେ ଶ୍ରୀନୁ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ପ୍ରଥମେ ୩୫ ହଜାର ଏବଂ ପରେ ୧୪,୫୦୦ ଟଙ୍କା ତାଙ୍କ ଆକାଉଣ୍ଟରୁ ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ଠକେଇ ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ଅସ୍ତବ୍ୟସ୍ତ ହୋଇ ପଡିଥିଲେ। ପରେ ସେ ଥାନାରେ ଅଭିଯୋଗ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ



ଜଣେ ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଉଛି।

ରାୟଗଡ଼ା ଅଫିସ/ଥେରୁବାଲି ,୧୭।୨

ରାୟଗଡ଼ା ଜିଲା ଥେରୁବାଲିସ୍ଥିତ ଇମ୍ଫା କାରଖାନାର ସାମାଜିକ ପ୍ରତିବଦ୍ଧତା କାର୍ଯ୍ୟକ୍ରମ ଓ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ତରଫରୁ ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ କ୍ଷୁଦ୍ର ବ୍ୟବସାୟ କରି ଜୀବୀକା ନିର୍ବାହ କରୁଥିବା ୩ ଦିବ୍ୟାଙ୍ଗଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ସେହିପରି ଦିବ୍ୟାଙ୍ଗ ବ୍ୟକ୍ତି ତ୍ରିନାଥ କୌସଲ୍ୟାଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇମ୍ଫାର ବରିଷ୍ଠ ମହା ପ୍ରବନ୍ଧକ ଇ.ଭି.ଏସ. ଉମା ମହେଶ୍ୱର , ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର , କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତାପସ କୁମାର ଭୋଇ , ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ଗୋପାଳ ରାଓ , ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ , କୋଲନରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତେଜରାଜ ନାଗ , ପଲ୍ଲୀ ବିକାଶର ନିର୍ଦ୍ଦେଶକ ରାଧାଶ୍ୟାମ ପଣ୍ଡା , ଇମ୍ଫାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶକ୍ତି ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଓବିସି, ଏସ୍‌ଇବିସିଙ୍କ ସଂରକ୍ଷଣ ଦାବିରେ ସ୍ମାରକପତ୍ର



ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି।

ମୁନିଗୁଡା, ୧୭।୨(ଡି.ଏନ୍.ଏ.)

ଭାରତୀୟ ସମ୍ବିଧାନର ଧାରା ୧୫(୪) ଓ ୧୬(୪)ରେ ଓବିସି ଏବଂ ଏସ୍‌ଇବିସିଙ୍କ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଶୌଣ୍ଡିକ ସେବା ସଂଘ ରାଜ୍ୟ ଶାଖା ପକ୍ଷରୁ ଦାବି ହୋଇଛି। ଏ ନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ଭାରତ ସରକାରଙ୍କ ଜାତୀୟ ପଛୁଆବର୍ଗ ଆୟୁକ୍ତ ଭଗବାନ ଲାଲ ସାହାଣୀଙ୍କୁ ଗତ ୧୨ ତାରିଖରେ ଭୁବନେଶ୍ୱରରେ ପ୍ରଦାନ କରାଯାଇଛି। ଆଇନ ଅନୁଯାୟୀ ନିର୍ବାଚିତ ରାଜ୍ୟ ସରକାରମାନଙ୍କୁ ମୁଖ୍ୟତଃ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ କ୍ଷମତା ଦିଆଯାଇଛି। କିନ୍ତୁ ରାଜ୍ୟ ସରକାର ଦୀର୍ଘ ୨୦ବର୍ଷ ଧରି ଏ କ୍ଷେତ୍ରରେ ବିଫଳ ହୋଇଥିବା ସଂଘ ଅଭିଯୋଗ କରିଛି। ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଭୁବନେଶ୍ୱର ଗସ୍ତରେ ଥିବା ଆୟୁକ୍ତ ଭଗବାନ ଲାଲ ସାହାଣୀଙ୍କୁ ସାକ୍ଷାତ୍ କରି ସଂଘ ନିବେଦନ କରିଛି। ଶୌଣ୍ଡିକ ସେବା ସମାଜର ରାଜ୍ୟ ଉପଦେଷ୍ଟା ପ୍ରଦୀପ କୁମାର ସାହୁ, ଦକ୍ଷିଣପ୍ରାନ୍ତ ଉପସଭାପତି ରାମଚନ୍ଦ୍ର ବେହେରା, ଦିଲୀପ ସେନାପତି, ବିଦ୍ୟାଧର ପାଇକରାୟ, କେ.ଡି. ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଆୟୁକ୍ତଙ୍କୁ ସାକ୍ଷାତ୍ କରିଥିଲା। କର୍ନାଟକ, ତାମିଲନାଡୁ, କେରଳ, ବିହାର, ରାଜସ୍ଥାନ, ମହାରାଷ୍ଟ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁସାରେ ସଂରକ୍ଷଣ ପ୍ରଦାନ କରୁଛନ୍ତି ବୋଲି ପ୍ରତିନିଧି ଦଳ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୧୭ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ

ମୁନିଗୁଡ଼ା, ୧୭।୨(ଡି.ଏନ୍.ଏ.)

ବିଷମକଟକ, ମୁନିଗୁଡ଼ା ଏବଂ ଚନ୍ଦ୍ରପୁର ଅଞ୍ଚଳରେ କାର୍ଯ୍ୟରତ ୧୭ଜଣ ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଗୁଣପୁର ଅତିରିକ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଏବଂ ଜିଲା କାର୍ଯ୍ୟାଳୟ କର୍ମଚାରୀ ଉମ୍ବରୁଧର ପଣ୍ଡାଙ୍କ ଉପସ୍ଥିତିରେ ଖବରଦାତାଙ୍କୁ ଉକ୍ତ ନବୀକରଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ଖବରଦାତାମାନେ ଚିକିତ୍ସା ବାବଦକୁ ୨ଲକ୍ଷ ଟଙ୍କାର ସହାୟତା ପାଇପାରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି। ଖବରଦାତାଙ୍କ ମଧ୍ୟରେ ସି.ଏଚ୍. ଗଣେଶ୍ୱର ରାଓ, ଏସ୍.ଈଶ୍ୱର ରାଓ, ରଘୁନାଥ ବେହେରା, ଆନନ୍ଦ ଟାକ୍ରି, ଦକ୍ଷ ବାତ୍ରା, ନରେଶ ପାତ୍ର, ଗଣେଶ ପ୍ରସାଦ ପାତ୍ର, ଅନନ୍ତ ଦୁର୍ଗା, ରାଜୀବ ଲୋଚନ ଦାସ, ନନ୍ଦକିଶୋର ପଟ୍ଟନାୟକ, ଚନ୍ଦ୍ରଶେଖର ପଣ୍ଡା ଓ ଶ୍ରୀକାନ୍ତ ବଲ୍ଲଭାଇ ପ୍ରମୁଖଙ୍କୁ ଏହି ନବୀକୃତ ସ୍ୱାସ୍ଥ୍ୟବୀମା କାର୍ଡ ମିଳିଛି।

# ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗୁଣପୁର,୧୭।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର କଲେଜ ଉଦ୍ଭିଦ ବିଜ୍ଞାନ ସମ୍ମାନର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ପ୍ରାଣୀ ବିଜ୍ଞାନ ମୁଖ୍ୟ ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଇତିହାସ ବିଭାଗ ମୁଖ୍ୟ ଡ.ଜବାହାର ଚୌଧୁରୀ ମୁଖ୍ୟବକ୍ତା ଏବଂ ଶଶୀଭୂଷଣ ମହାନ୍ତି,ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଡ.ରମାକାନ୍ତ ସାହୁ, ଅଧ୍ୟାପିକା ସସ୍ମିତା ମିଶ୍ର, ଓ ବନ୍ଦିତା ଧାରୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ମୁଖ୍ୟ ଜି.ମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେଇଥିଲେ । ପରୀକ୍ଷାଗାର ସହାୟିକା ଜ୍ୟୋସ୍ନାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା ସେମିନାର ବୁଲେଟିନକୁ ଉନ୍ମୋଚନ କରାଯାଇଥିଲା।

# କଳା ପଲସର ଆତଙ୍କ, ଝାମ୍ପି ନେଲେ ୨ ଲକ୍ଷ ଟଙ୍କା

ଗୁଣପୁର,୧୭।୨(ଡି.ଏନ.ଏ)



ଘର ନିକଟରେ ପୋଲିସ ତଦନ୍ତ ଚଳାଇଛି।

ଜିଲାରେ କଳା ପଲସରର ଆତଙ୍କ ଦିନକୁ ଦିନ ବଢିବାରେ ଲାଗିଛି । ଦୁର୍ବୃତ୍ତମାନେ କଳା ପଲସରରେ ଆସି ପୋଲିସକୁ ଚାଲେଞ୍ଜ ଦେଇ ଲୁଟ ତରାଜ ଚଳାଇଛନ୍ତି । ହେଲେ ବର୍ତ୍ତମାନ ସୁଧା ପୋଲିସ ସେମାନଙ୍କର କୌଣସି ଟେର ପାଇ ପାରୁନାହିଁ । ସୋମବାର ଦୁର୍ବୃତ୍ତମାନେ କଳା ପଲସରରେ ଆସି ପଞ୍ଚାୟତ ନିର୍ବାହୀ ଅଧିକାରୀ ବଳରାମ ମାହାପାତ୍ରଙ୍କଠାରୁ ୨ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି।

ପୁଟାସିଂ ପଞ୍ଚାୟତ ନିର୍ବାହି ଅଧିକାରୀ ମହାପାତ୍ର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଘରକୁ ଫେରିଥିଲେ । ଘର ଆଗରେ ବାଇକ ରଖି ଡ଼ିକିରୁ ଟଙ୍କା ବାହାର କରୁଥିବାବେଳେ କଳା ପଲସରରେ ଦୁର୍ବୃତ୍ତମାନେ ଆସି ଟଙ୍କା ବ୍ୟାଗକୁ ଝାମ୍ପି ନେଇଥିଲେ । ଏନେଇ ବଳରାମ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଚଳାଇଛି । ବଳରାମ କିଛି ଦିନ ତଳେ ନିଜ ଝିଅଙ୍କ ବିବାହ କରିଥିଲେ। ବାହାଘର ସମୟରେ ବାକି ଥିବା ଟଙ୍କା ପରିଶୋଧ କରିବା ପାଇଁ ସେ ବ୍ୟାଙ୍କରୁ ଟଙ୍କା ଉଠାଇ ଆଣୁଥିଲେ।

# ଜିଲା ଚିକିତ୍ସାଳୟରେ ପୋଲିସ ବିଟ୍ ହାଉସ

ଜୟପୁର,୧୭।୨(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏନେଇ ଜୟପୁର ସଦରଥାନା ଅଧୀନରେ ଏକ ବିଟ ହାଉସ ସୋମବାରଠାରୁ ଶୁଭାରମ୍ଭ ହୋଇଛି। ଏଥିରେ ୬ଜଣ ସୁରକ୍ଷାକର୍ମୀ ନିୟୋଜିତ ହେବେ। ପ୍ରତ୍ୟେକ ୨ ଜଣ ଲେଖାଏଁ ୮ ଘଣ୍ଟା ଡ୍ୟୁଟି କରିବେ। ସଦରଥାନାଠାରୁ ୨ରୁ ୩ କିଲୋମିଟର ଦୂରତାରେ ରହିଥିବା ଚିକିତ୍ସାଳୟରେ ବିଭିନ୍ନ ସମୟରେ ସୁରକ୍ଷା ନେଇ ଦାବି ହୋଇଆସୁଥିଲା। ତେଣୁ ଏନେଇ ଜିଲା ପୋଲିସ ଏସ୍‌ପିଙ୍କ ପକ୍ଷରୁ ଏହାର ସୁରକ୍ଷା ନିମନ୍ତେ ବିଟ ହାଉସ ଖୋଲାଯାଇଥିବା ନେଇ ଥାନା ଅଧିକାରୀ ଶିବ ଶଙ୍କର ସାହୁ ପ୍ରକାଶ କରିଛନ୍ତି।

# ଶ୍ରୀ ସତ୍ୟସାଇ ସେବା ସଂସ୍ଥାର ମୂଲ୍ୟବୋଧ କାର୍ଯ୍ୟକ୍ରମ

ଦାମନଯୋଡି, ୧୭।୨(ଡି.ଏନ୍.ଏ.)

ଶ୍ରୀ ସତ୍ୟ ସାଇ ସେବା ସଂସ୍ଥା, କୋରାପୁଟ ଜିଲା ଶାଖା ପକ୍ଷରୁ ଦାମନଯୋଡି ସମିତିରେ ଆଞ୍ଚଳିକସ୍ତରୀୟ ଆଧ୍ୟାତ୍ମିକ ଓ ମାନବିକ ମୂଲ୍ୟବୋଧ ଶିକ୍ଷାର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଓ ରାୟଗଡ଼ା ଜିଲାର ଶ୍ରୀ ସତ୍ୟ ସାଇ ବାଳ ବିକାଶ ଛାତ୍ରୀଛାତ୍ର ଓ ଗୁରୁଙ୍କୁ ମିଶାଇ ୨୫୩ଜଣ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନଗର ପରିକ୍ରମା କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଓଁ କାରମ୍ ଓ ସାଇ ଭଜନ ଗାନ କରିଥିଲେ। ରାୟଗଡ଼ା ଜିଲା ଆଧ୍ୟାତ୍ମିକ ସଂଯୋଜକ ଜି.ଆର୍ ନାଇଡୁ ବାଳ ବିକାଶରୁ ଲୋକ ବିକାଶ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳ, ଲିଖନ, ବକ୍ତୃତା ଓ କୁଇଜ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହେନ୍ଦ୍ର କୁମାର ନାୟକ, କେ. ଅଶୋକ, ଦୀପାନ୍ୱିତା ଦାସ, କିଶୋର ଚନ୍ଦ୍ର ତ୍ରିପାଠୀ, ସ୍ମିତା ବ୍ରହ୍ମା, ପଦ୍ମା ପାଢୀ, ଇନ୍ଦିରା ପଟ୍ଟନାୟକ, ଆଶାଲତା ପଣ୍ଡା ଓ ଭାରତୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଅରୁଣ ସାହୁ, ଡ.ରାଜେନ୍ଦ୍ର ପଣ୍ଡା, ଦୁଃଶାସନ ସ୍ୱାଇଁ, ମହାଦେବ କୁମାର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଦାମନଯୋଡ଼ି ସଂଘ ଆବାହକ ବିନୋଦ ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନିମନ୍ତେ ଖେଳାଳି ଚୟନ

ରାୟଗଡ଼ା ଅଫିସ,୧୭।୨



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ଯୁବତୀଯୁବକମାନଙ୍କର ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଉଜ୍ଜୀବିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଟ୍ରାଇବଲ ଚାମ୍ପିୟନସିପ ଏସ୍‌ଡ଼ିସି କପ-୨୦୨୦ ଶୁଭାରମ୍ଭ କରିଥିଲେ। ଏଥିନିମନ୍ତେ ରାୟଗଡ଼ା ଜିଲାରୁ ଗତ ୧୪ ତାରିଖରୁ ଖେଳାଳୀ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି । ରାୟଗଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କ୍ରିଡ଼ାବିତ୍ ଚୟନ କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଜିଲାର ପ୍ରତ୍ୟକ ବ୍ଲକରୁ ୪୬୩ ଯୁବକ ଏବଂ ୬୧ ଯୁବତୀ ନାମ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ଜିଲାରୁ ୨୦ ଯୁବକ ଓ ୨୦ ଯୁବତୀଙ୍କୁ ମନୋନୀତ କରାଯାଇଛି। ସେମାନେ ଜିଲାସ୍ତରୀୟ ଏସଡ଼ିସି କପରେ ଭାଗ ନେବା ଲାଗି ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ନେବେ। ପରେ ଆସନ୍ତା ୨୪ ତାରିଖରେ ବାରିପଦାଠାରେ ହେବାକୁ ଥିବା ଜିଲାସ୍ତରୀୟ ଲିଗ୍ ମ୍ୟାଚରେ ଭାଗ ନେବେ। ଏହାର ଫାଇନାଲ ମ୍ୟାଚ ଆସନ୍ତା ୫ ତାରିଖରେ କଟକରେ ଆୟୋଜିତ ହେବ । ଜିଲାରେ ସର୍ବମୋଟ ୨୪ ଟି ପୁରୁଷ ଦଳ ଓ ୮ ଟି ମହିଳା ଦଳ ଖେଳିଥିଲେ । ଜିସିଡ଼ି ପଡ଼ିଆରେ ଆୟୋଜିତ ମ୍ୟାଚକୁ ଶିକ୍ଷକ ସୁନୀଲ କୁମାର ମହନ୍ତ ପରିଚାଳନା କରିଥିଲେ । ଶିକ୍ଷକ ପ୍ରଦୀପ ସ୍ୱାଇଁ ଏବଂ ନୃସିଂହ ସାହୁ ସହଯୋଗ କରିଥିଲେ ।

# ଡିଆରଏମ୍‌ଙ୍କୁ ଭେଟିଲେ କୋରାପୁଟ ଏମ୍‌ପି

## ଅନିଶ୍ଚିତତାରେ ଗୁଣପୁର-ଥେରୁବାଲି ରେଳପଥ

- ରାଜ୍ୟ ସରକାର ମାଗଣା ଜମି, ପ୍ରକଳ୍ପର ଅଧା ଖର୍ଚ୍ଚ ଦିଅନ୍ତୁ
- ପ୍ରକଳ୍ପ ପାଇଁ ଏଭଳି ପ୍ରସ୍ତାବ ଦେଇଛି ରେଳ ବିଭାଗ
- ଆଭିମୁଖ୍ୟ ସ୍ପଷ୍ଟ କରୁନାହାନ୍ତି ରାଜ୍ୟ ସରକାର

ଗୁଣପୁର,୧୭।୨(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଛନ୍ଦି ହୋଇ ଅନିଶ୍ଚିତତା ଆଡ଼କୁ ଚାଲିଯାଉଛି ଗୁଣପୁର-ଥେରୁବାଲି ରେଳପଥ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ଲାଭଦାୟକ ନ ଥିବା ଓ ଏଥିପାଇଁ ରାଜ୍ୟ ସରକାର ମାଗଣା ଜମି ସହ ପ୍ରକଳ୍ପର ଅଧା ଖର୍ଚ୍ଚ ବହନ କରିବାକୁ କହିଥିଲେ। ଏହାର ୬ ମାସ ବିତିଯାଇଥିଲେ ମଧ୍ୟ ଏଯାବତ୍ ରାଜ୍ୟ ସରକାର ପ୍ରକଳ୍ପ ଦିଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ଫଳରେ ଏହି ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇଯିବା ସହ ଗୁଣୁପର ବାସିନ୍ଦା ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଏହି ଦାବି ଜଣାଇବା ପାଇଁ ସୋମବାର ବିଶାଖାପାଟଣାରେ ରେଳବିଭାଗ ଡିଆରଏମ୍‌ଙ୍କୁ ଭେଟିଛନ୍ତି। ଡିଆରଏମ୍ ରେଳବିଭାଗର କଥା ଦୋହରାଇଥିବା ବେଳେ ଏନେଇ ରାଜ୍ୟ ସରକାରଙ୍କ ସହ ଅଧିକ ବିଚାରବିମର୍ଶ କରିବା ପାଇଁ ଏମ୍‌ପିଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୧୧ ତାରିଖ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ରେଳମନ୍ତ୍ରୀଙ୍କୁ ଭେଟିଥିଲେ ମଧ୍ୟ ସେଥିରେ ଗୁଣପୁର-ଥେରୁବାଲି ରେଳପଥ ସମ୍ପର୍କରେ କିଛି ଉଲ୍ଲେଖ ନ ଥିଲା। ଏହି ପ୍ରକଳ୍ପକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗୁଣପୁର ଅଞ୍ଚଳରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ସଚିବ, ଉନ୍ନୟନ କମିଶନରଙ୍କୁ ଭେଟି ଦାବି ଜଣାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ୨୦୦୬ରେ ଏହି ରେଳପଥ ପାଇଁ ପ୍ରଥମେ ସର୍ଭେ ହୋଇଥିବା ବେଳେ ବ୍ୟୟ ଅଟକଳ ୨୩୨.୩୭ କୋଟି ଟଙ୍କା ରଖାଯାଇଥିଲା। ୨୦୧୭-୧୮ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ସ୍ଥାନ ପାଇବା ସହ ୭୯.୧୫ କିମି ରାସ୍ତା ପାଇଁ ୯୩୫.୭୨ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା। ୨୦୧୯ ବେଳକୁ ଏହାର ବ୍ୟୟ ଅଟକଳ ବୃଦ୍ଧି ପାଇ ୧୨୩୭.୭୪ କୋଟିରେ ପହଞ୍ଚିଥିଲା। ପ୍ରଥମ ପର୍ଯ୍ୟାୟରେ ୧କୋଟି, ଗତ ବର୍ଷ ୧୦ ଲକ୍ଷ ଓ ଚଳିତ ବର୍ଷ ବଜେଟରେ ମାତ୍ର ୧ ଲକ୍ଷ ଟଙ୍କା ଏହି ରେଳପଥ ପାଇଁ ଦିଆଯିବା ସାଧାରଣରେ ଅସନ୍ତୋଷକୁ ଘନୀଭୂତ କରିଛି।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧୮ ଫେବୃୟାରୀ, ୨୦୨୦



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ, ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ। -ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ୨ ଦିନରେ କୋଟିଏରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଶୁଳ୍କ ଆଦାୟ

ଜୟପୁର,୧୭।୨(ଡି.ଏନ୍.ଏ.): ଜୟପୁର ବିଦ୍ୟୁତ ସାଉଥ୍‌କୋ ସର୍କଲରେ ୧୫ ଦିନ ପର୍ଯ୍ୟନ୍ତ ବିଦ୍ୟୁତ କାଟ ଓ ଶୁଳ୍କ ଆଦାୟ ପାଇଁ ରବିବାରଠାରୁ ଆରମ୍ଭ ହୋଇଛି ଅଭିଯାନ। ରବିବାର ଓ ସୋମବାର ଦୁଇଦିନରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ବିଦ୍ୟୁତ ଶୁଳ୍କ ଆଦାୟ କରାଯାଇଛି। ଜୟପୁର ସର୍କଲ ଅଧୀନରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଜୟପୁର ୪ଟି ଡିଭିଜନ ଥିବାବେଳେ ପ୍ରଥମ ଦିନ ରବିବାର ସମୁଦାୟ ସର୍କଲରେ ୪୩ ଲକ୍ଷ ଟଙ୍କା ବକେୟା ଆଦାୟ କରାଯାଇଛି। ସେହିପରି ସୋମବାର ସନ୍ଧ୍ୟା ସୁଦ୍ଧା ୪ଟି ଡିଭିଜନରେ ପ୍ରାୟ ୬୫ ଲକ୍ଷ ଟଙ୍କା ବକେୟା ଆଦାୟ କରାଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ ମନ୍ମଥନାଥ ମିଶ୍ର ସୂଚନା ଦେଇଛନ୍ତି। ଏଥିରୁ ସର୍ବାଧିକ ମାଲକାନଗିରି ଡିଭିଜନରେ ୧୫ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ନବରଙ୍ଗପୁରରେ ସର୍ବନିମ୍ନ ୫ଲକ୍ଷ ଆଦାୟ କରାଯାଇଛି। ଜୟପୁରରେ ୧୩ ଲକ୍ଷ ଏବଂ କୋରାପୁଟ ଡିଭିଜନରେ ୧୦ ଲକ୍ଷ ଟଙ୍କା ଆଦାୟ ହୋଇଛି। ସେହିପରି କୋରାପୁଟ ଡିଭିଜନରେ ୬୧୦ ଜଣଙ୍କ ବିଦ୍ୟୁତ ଶୁଳ୍କ ଅଧିକ ଥିବା ଯୋଗୁ ସେବା ଛିନ୍ନ କରାଯାଇଛି। ମାଲକାନଗିରିରେ ୫୬୦, ଜୟପୁରରେ ୨୦୦ ଓ ନବରଙ୍ଗପୁରରେ ୨୨୨ ଜଣ, ସମୁଦାୟ ୧୫୯୧ ଜଣ ଉପଭୋକ୍ତାଙ୍କ ବିଦ୍ୟୁତ ଶୁଳ୍କ ବକେୟା ପାଇଁ ସଂଯୋଗ କାଟି ଦିଆଯାଇଛି। ଏଥିରୁ ୬୪ ଜଣ ସେମାନଙ୍କ ବକେୟା ପୈଠ କରିବା ପରେ ପୁନଃ ସଂଯୋଗ ଦିଆଯାଇଛି। ବକେୟା ଆଦାୟ ଓ ବିଦ୍ୟୁତ ସଂଯୋଗ କାଟିବା ପାଇଁ ୪ଟି ଡିଭିଜନରେ ୧୧୮ଟି ବିଭାଗୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ସେଥିରୁ ମାଲକାନଗିରିରେ ୨୮, ଜୟପୁରରେ ୨୯, ନବରଙ୍ଗପୁରରେ ୨୮ ଓ କୋରାପୁଟରେ ୧୧୮ଟି ସ୍କ୍ୱାଡ୍ କାର୍ଯ୍ୟ କରୁଛନ୍ତି।

### ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି

ଜୟପୁର,୧୭।୨(ନି.ପ୍ର.): ଦରଦାମ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିବାରେ ଲାଗିଛି। ଫଳରେ ସାଧାରଣ ଖାଉଟିଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ଆଳୁ, ପିଆଜ ପରେ ଏବେ ଡାଲି, ତେଲ, ଗହମଜାତୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଖାଉଟି ହନ୍ତସନ୍ତ ହେଉଛନ୍ତି। ମୁଗଡାଲି କେଜି ୧୧୦ରୁ ୧୨୦ ଟଙ୍କା ଦର ଥିବାବେଳେ ବୁଟ ଡାଲି କିଲୋ ୭୦ରୁ ୮୦ ଟଙ୍କା ରହିଛି। ମସୁର ଡାଲି କିଲୋ ୭୦ରୁ ୭୫ ଟଙ୍କା ଦର ରହିଛି। ହରଡ଼ ୮୦ରୁ ୮୫ ଦର ରହିଥିବା ବେଳେ ବିରି ଡାଲି ୧୧୫ରୁ ୧୨୫ ଟଙ୍କା କିଲୋ ରହିଛି। କେବଳ ଯେ ଡାଲି ଜାତୀୟ ଦର ବୃଦ୍ଧି ପାଇଛି ତା' ନୁହେଁ; ତେଲ, ଅଟା, ସୁଜି ମଧ ଦର ବଢ଼ିଛି। ଅଟା କେଜି ୫୩ ଟଙ୍କା ଥିବାବେଳେ ସୁଜି କିଲୋ ୪୦ ଟଙ୍କା ରହିଛି। ନୂଆ ଉତ୍ପାଦନ ହୋଇ ବଜାରକୁ ଆସିବା ପରେ ମଧ ଦର କମୁ ନ ଥିବାରୁ ଗରିବ, ଖଟିଖିଆମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହୋଲସେଲଠାରୁ ଖୁଚୁରାରେ ୧୦ରୁ ୧୫ ଟଙ୍କା ଅଧିକ ଦରରେ ବିକ୍ରି କରାଯାଉଛି। ଦର କିପରି କମିବ, ସରକାର ସେଥିପ୍ରତି ପଦକ୍ଷେପ ନେବାକୁ ଦାବି ହେଉଛି।

### ଧାନ ଜମିରେ ଚିଙ୍ଗୁଡ଼ି ଚାଷ, ଇଟାଭାଟି

ଗଞ୍ଜାମ,୧୬।୨(ଡି.ଏନ.ଏ.)-ଗଞ୍ଜାମ ବ୍ଲକର ଅଧିକାଂଶ ପଞ୍ଚାୟତରେ ଏବେ ଧାନ ଚାଷ ପ୍ରତି ଲୋକେ ଆଗ୍ରହ ଦେଖାଉ ନ ଥିବା ଦେଖାଯାଉଛି। ପାଳିବନ୍ଧ ପଞ୍ଚାୟତର ଶହ ଶହ ଏକର ଧାନ ଜମିରେ ଚିଙ୍ଗୁଡ଼ି ଚାଷ ହେଉଛି। କେତେକ ପଞ୍ଚାୟତରେ ଧାନ ଜମିରେ କାଜୁଫ୍ୟାକ୍ଟ୍ରି, ଇଟାଭାଟି ଆଦି ନିର୍ମାଣ ହୋଇଛି। ଫଳରେ ଅଞ୍ଚଳରେ ଧାନ ଉତ୍ପାଦନ ହ୍ରାସ ପାଉଛି। ଗଞ୍ଜାମ ବ୍ଲକରେ ମୋଟ ୧୨,୭୭୪ ହେକ୍ଟର ଚାଷ ଜମି। ସେଥିମଧ୍ୟରୁ ୪,୮୧୬ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ୨୦୧୮-୧୯ ସର୍ଭେ ରିପୋର୍ଟରୁ ଜଣାପଡ଼ିଥିବା ସହ କୃଷି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରତିକୂଳ ପାଗ, ଅଦିନିଆ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଅଧିକାଂଶ ଧାନ ଚାଷରୁ ମୁହଁ ଫେରାଉଥିବା ଚାଷୀମାନେ କହୁଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁ ନ ଥିବା ମଧ ସ୍ଥାନୀୟ ଅଞ୍ଚଳର କେତେଜଣ ଚାଷୀ ଅଭିଯୋଗ କରୁଛନ୍ତି। ଅଧିକାଂଶ ବିହନ ଗଜା ହେଉନି। ଧାନ ଅମଳ ପରେ ସରକାରଙ୍କ ଟୋକନ ବ୍ୟବସ୍ଥା ଦ୍ୱାରା ମଣ୍ଡିରେ ଧାନକ୍ରୟ ବିଳମ୍ବ ଘଟୁଥିବା ଅନ୍ୟ ଏକ କାରଣ ବୋଲି ଚାଷୀ କହୁଛନ୍ତି। ଏ ନେଇ ପାଳିବନ୍ଧ ସରପଞ୍ଚ ଦିଲୀପ ଛଟରାଏ କହିଛନ୍ତି, ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା, ଚାଷୀଙ୍କୁ ନେଇ ବିଭିନ୍ନ ସଚେତନ କାର୍ଯ୍ୟକ୍ରମ ହାତକୁ ନିଆଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

# ନିଜ ଉଦ୍ୟମରେ ଗାଁକୁ ପାଣି ଦେଉଛନ୍ତି ବାବା ଦୟାନିଧି

**କଳ୍ପତରୁ ମହାନ୍ତି**
ବୈପାରୀଗୁଡ଼ା,୧୭।୨

## ବିଭିନ୍ନ ସାମାଜିକ କାମରେ ବ୍ରତୀ



ବାବା ଦୟାନିଧି ଦାସ ନିଜସ୍ୱ ଉଦ୍ୟମରେ କରିଥିବା ପାଣି ପ୍ରକଳ୍ପରୁ ସ୍ଥାନୀୟ ମହିଳାମାନେ ପାଣି ନେଉଛନ୍ତି।

W

ସରକାରୀ ଯୋଜନା ସତ୍ତ୍ୱେ ଏପରି ବହୁ ଗାଁ ରହିଛି, ଯେଉଁଠି ଲୋକଙ୍କୁ ବର୍ଷ ତମାମ ଜଳକଷ୍ଟ ଭୋଗିବାକୁ ପଡୁଛି। ବୁନ୍ଦାଏ ପାଣି ପାଇଁ ପାହାଡ଼ିଆ ଅଞ୍ଚଳରେ ମହିଳାଙ୍କୁ ବହୁତ ବାଟ ଚାଲିବାକୁ ହେଉଛି। କୋରାପୁଟ ଜିଲାର ଉପାନ୍ତ ଅଞ୍ଚଳର ଏହି ମହିଳାଙ୍କ ଜଳକଷ୍ଟ ପ୍ରଶମିତ କରିବା ପାଇଁ ଉଦ୍ୟମ କରିଛନ୍ତି ଜଣେ ସାଧୁ। ପ୍ରଶାସନ ଯେଉଁଠି ଅନାଗ୍ରହୀ, ସେଠି ବାବା ଦୟାନିଧି ଦାସ ନିଜସ୍ୱ ଆଗ୍ରହରେ ତିଆରି କରିଛନ୍ତି ପାନୀୟ ଜଳ ପ୍ରକଳ୍ପ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଘୁମର ପଞ୍ଚାୟତ ହାଟଖୁଜୁପି ଗ୍ରାମରେ ଅଲେଖଧର୍ମୀ ସନ୍ନ୍ୟାସୀ ଦୟାନିଧି ଦାସଙ୍କ ଆଶ୍ରମ। ଉକ୍ତ ଗ୍ରାମର ହରିଜନ ସାହିରେ ୨୦ ପରିବାର ରୁହନ୍ତି। ପାଖରେ ପାଣି ଉତ୍ସ ନ ଥିବାରୁ ମହିଳାମାନେ ୩ ଶହ ମିଟର ଦୂର ପାହାଡ଼ ଚଢ଼ି ଝରଣା ପାଣି ସଂଗ୍ରହ କରୁଥିଲେ। ସେମାନଙ୍କ କଷ୍ଟକୁ ଦେଖି ବାବା ଦୟାନିଧି ଉକ୍ତ ଝରଣା ପାଣି ସାହିକୁ ଆଣିବାର ସୁବ୍ୟବସ୍ଥା କରିଛନ୍ତି। ମାଟି ଖୋଳି ପାଇପ ବିଛାଇ ଝରଣାରୁ ପାଣିକୁ ଅଣାଯାଇ ଏକ ଟାଙ୍କିରେ ସଂଗୃହିତ କରିବାର ବ୍ୟବସ୍ଥା ସେ କରିଛନ୍ତି। ୩ଟି ନନ୍ଦରେ ଟାଙ୍କି ନିର୍ମାଣ କରାଯାଇ ସେଥିରେ ଟ୍ୟାପ୍ ଲଗାଯାଇଛି। ମହିଳାଙ୍କୁ ଆଉ ପୂର୍ବପରି କଷ୍ଟ କରିବାକୁ ପଡୁନି। ଟ୍ୟାପ ମୋଡ଼ିଲେ ଯେକୌଣସି ମୁହୂର୍ତ୍ତରେ ପାଣି ବାହାରୁଛି। ଗାଁରେ ଥିବା ଏକମାତ୍ର ନଳକୂପ ଅଚଳ ହେଲେ କିମ୍ବା ଖରାଦିନେ ପାନୀୟ ଜଳର ଚାହିଦା ମେଣ୍ଟାଇ ନ ପାରିଲେ ଏହି ପାଣିକୁ ବ୍ୟବହାର କରିବାକୁ ପଡୁଛି। ଝରଣା ପାଣି ସ୍ୱଚ୍ଛ ନ ଥିବାରୁ ଏହାକୁ ଭଲ ଭାବେ ଫୁଟାଇ ବ୍ୟବହାର କରିବାକୁ ଦୟାନିଧି ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ତାଙ୍କର ଏହି ଜଳ ଯୋଗାଣ ପ୍ରକଳ୍ପରେ ୨୯ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ସେ କହିଛନ୍ତି। ସେ ବିଭିନ୍ନ ଇଲାକା ବୁଲି ଦାତବ୍ୟ ଲୋକଙ୍କଠାରୁ ଏହି ଅର୍ଥ ଯୋଗାଡ଼ କରିଥିଲେ। ଦୟାନିଧି ବହୁ ସମାଜ କଲ୍ୟାଣ କାର୍ଯ୍ୟରେ ଜଡ଼ିତ। ଅସହାୟ ବୃଦ୍ଧାବୃଦ୍ଧ ଓ ଅନାଥ ଶିଶୁଙ୍କୁ ସହାୟତା ଦେଉଛନ୍ତି। ନନ୍ଦପୁର ବ୍ଲକରେ ଭତ୍ତା ପାଉ ନ ଥିବା ୫ ଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ମାସିକ ୧୦ କିଲୋ ଚାଉଳ ଓ ବସ୍ତ୍ର ଯୋଗାଉଛନ୍ତି। ମାଲକାନଗିରି ଅଞ୍ଚଳର ୨ ଜଣ ଏବଂ ନିଜ ଗାଁର ୨ ଜଣ ଅସହାୟ ଶିଶୁଙ୍କ ଭରଣପୋଷଣ ସହ ପାଠପଢ଼ା ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ସେ କୋଟପାଡ଼ ବ୍ଲକ ମିରିଗୁଡ଼ା, ବୋରିଗୁମ୍ମା ବ୍ଲକ ଦୁଧାରୀ ଓ ମାଲକାନଗିରି ଜିଲା ମାଥିଲି ନିକଟସ୍ଥ ଦଳପତିଗୁଡ଼ାରେ ଅନାଥ ପିଲାଙ୍କୁ ନେଇ ଅସ୍ଥାୟୀ ବିଦ୍ୟାଳୟ କରିଛନ୍ତି। ଏବେ ହାଟଖୁଜୁପି ଗ୍ରାମରେ ଅନାଥ ପିଲାଙ୍କ ପାଇଁ ଆବାସିକ ବିଦ୍ୟାଳୟ ଯୋଜନା କରୁଛନ୍ତି। ସେଥିପାଇଁ ସର୍ବସେବା କମିଟି ନାମରେ ଏକ ୯ ଜଣିଆ ଦଳ ଗଢ଼ି ତାହାର ପଞ୍ଜିକରଣ ପାଇଁ ଆବେଦନ କରିଛନ୍ତି। ଆନ୍ଧ୍ରରୁ ଗୋଲମରିଚ କିଣି ଏଠାରେ ବିକନ୍ତି। ଗାଁ ଗହଳିରୁ ଲୁହା ସ୍କ୍ରାପ୍ କିଣି ବଜାରରେ ଦିଅନ୍ତି। ଏହା ବାଦ୍ ବୋରିଗୁମ୍ମା ଅଞ୍ଚଳରେ କେତେକ ଧାନ ମିଲ୍ ମାସକୁ ଚାଉଳ ଦେଇଥାନ୍ତି। ସେହି ଚାଉଳକୁ ସେ ଅସହାୟ ବୃଦ୍ଧାବୃଦ୍ଧ ଓ ଗରିବ ପିଲାଙ୍କୁ ବାଣ୍ଟନ୍ତି। ୧୪ ବର୍ଷ ତଳୁ ଘର ସଂସାର ଛାଡ଼ି ସେ ନିଜକୁ ସାମାଜିକ କାମରେ ନିୟୋଜିତ କରିଛନ୍ତି।

# ମାସେ ପରେ ବି ଧରାପଡ଼ିନାହାନ୍ତି ଅଭିଯୁକ୍ତ

## ବାରହା ଫାଶରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣା

ବୈପାରୀଗୁଡ଼ା,୧୭।୨(ଡି.ଏନ୍.ଏ.)

ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ଫାଶରେ ପଡ଼ି ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣାକୁ ମାସେ ବିତିଯାଇଛି। କିନ୍ତୁ ସେହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାରେ ବିଫଳ ହେବା ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ଗତ ମାସ ୧୨ ତାରିଖ ପାହାନ୍ତାରେ ବୈପାରୀଗୁଡ଼ା ଥାନା ଜଙ୍ଗଲଯୋଡ଼ି ଗ୍ରାମର କୁମୁଟି ଗୋଲ୍ଲରୀଙ୍କ ପୁଅ ଲାଛିଆ ଗୋଲ୍ଲରୀ (୩୦) ବଣ କୁକୁଡ଼ା ଧରିବା ଉଦ୍ଦେଶ୍ୟରେ ଘରେ ପାଳିଥିବା କୁକୁଡ଼ାକୁ ନେଇ ପାଖ ଜଙ୍ଗଲକୁ ଯାଇଥିଲେ। କିନ୍ତୁ ଆଉ ଫେରି ନ ଥିଲେ। ଲୋକେ ବହୁ ଖୋଜାଖୋଜି କରିବା ପରେ ବୁଧବାର ସକାଳେ କଡକିକୁଣ୍ଡ ନିକଟରେ ୧୧ କେଭି ତାରରୁ ହୁକ ପକାଯାଇଥିବା ୱେୟାର୍ ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେଠାରେ ଘାସ ପୋଡ଼ିଯାଇଥିବା ବେଳେ ନିକଟସ୍ଥ ବୁଦାରୁ ଘର କୁକୁଡ଼ା ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେଠାରେ ଲାଛିଆଙ୍କ ମୃତଦେହ ନ ଥିବାବେଳେ ତାଙ୍କର ନିଶ୍ଚିତ ମୃତ୍ୟୁ ହୋଇଥିବା ସନ୍ଦେହ କରି ଲାଛିଆଙ୍କ ପିତା କୁମୁଟି ଗୋଲ୍ଲରୀ ରାମଗିରି ଫାଣ୍ଡିରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଗତ ମାସ ୧୬ ତାରିଖରେ ଉକ୍ତ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ୧୭ ତାରିଖ ନାଳ ଭିତରୁ ଲାଛିଆଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ମାମଲାକୁ ଚପାଇଦେବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ମୃତଦେହରେ ପଥର ବାନ୍ଧି ପାଣି ଭିତରେ ଛାଡ଼ିଦେଇଥିଲେ। ମୃତଦେହର କିଛି ସ୍ଥାନରେ କ୍ଷତ ଥିବାରୁ ଅଭିଯୁକ୍ତମାନେ ବିଦ୍ୟୁତ ଆଘାତରେ ଗୁରୁତର ଅବସ୍ଥାରେ ଥିବା ଲାଛିଆଙ୍କୁ ହତ୍ୟାକରି ପରେ ପାଣିରେ ପକାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ମୃତଦେହ ଉଦ୍ଧାର ପରେ ପୋଲିସ ହତ୍ୟା ମାମଲା ରୁଜୁକରି ସନ୍ଦେହରେ କେତେ ଜଣଙ୍କୁ ଥାନାକୁ ଆଣି ଅଟକ ରଖାଯାଇ ପଚରାଉଚରା ପରେ ଛାଡ଼ି ଦିଆଯାଇଥିଲା। ଏ ସମ୍ପର୍କରେ ତଦନ୍ତ ଅଧିକାରୀଙ୍କୁ ପଚାରିଲେ, ସେ ଫେରାର ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି କହୁଛନ୍ତି। ଅପରପକ୍ଷେ ଯେଉଁମାନଙ୍କୁ ଥାନାକୁ ଅଣାଯାଇଥିଲା, ସେମାନେ ଅଭିଯୁକ୍ତଙ୍କ ସମ୍ପର୍କୀୟ। ସେମାନଙ୍କ ଉପରେ ଫେରାର ଅଭିଯୁକ୍ତଙ୍କୁ ଧରାଇଦେବା ଦାୟିତ୍ୱ ଦେଇ ପୋଲିସ ନିରବ ହୋଇ ବସିଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତମାନେ ପେସାଦାର ଶିକାରୀ। ସେମାନେ ନିୟମିତ ଭାବେ ଜଙ୍ଗଲରେ ବିଦ୍ୟୁତ ତାର ବିଛାଇ ବନ୍ୟପଶୁ ଶିକାର କରିଥାନ୍ତି। ଏହା ପୂର୍ବରୁ ୩ଟି ଘଟଣାରେ ବିଦ୍ୟୁତ ତାରରେ ଫସି କେତେଜଣ ଗୁରୁତର ହୋଇଛନ୍ତି। କିନ୍ତୁ ଅର୍ଥ କାରବାର କରି ମାମଲାକୁ ଚପାଇ ଦିଆଯାଇଛି।

# ଜୟପୁର ଛାତ୍ରଙ୍କୁ ଅନ୍ତର୍ଜାତୀୟ କିକ୍ ବକ୍ସିଂରେ ରୌପ, ବ୍ରୋଞ୍ଜ

ଜୟପୁର,୧୭।୨(ଡି.ଏନ୍.ଏ.)



ଜୟପୁର ସହରର ଗଙ୍ଗାନଗର ବାସିନ୍ଦା ତଥା ବ୍ୟବସାୟୀ ଆର୍ଶାଦ ଖାନଙ୍କ ପୁଅ ରେହାନ ଖାନ ଅନ୍ତର୍ଜାତୀୟ କିକ୍ ବକ୍ସିଂରେ ୨ୟସ୍ଥାନ ଅଧିକାର କରି ରୌପପଦକ ପାଇଛନ୍ତି । ସେହିପରି ଅନ୍ୟ ଏକ ଶ୍ରେଣୀରେ ସେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଗତ ୯ରୁ ୧୩ ତାରିଖ ଦିଲ୍ଲୀର ତାଲକୋଟରା ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ସେ ଏହି ସଫଳତା ପାଇଛନ୍ତି। ରେହାନ ମଡର୍ଣ୍ଣ ଇଂଲିଶ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ର ଅଟନ୍ତି। ଏନେଇ ସୋମବାର ପୂର୍ବାହ୍ନରେ ଦଶହରା ପଡ଼ିଆ ଷ୍ଟାଡିୟମରେ ବରିଷ୍ଠ ଖେଳାଳିଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ଖେଳାଳି ତଥା ଉପଖଣ୍ଡ କ୍ରୀଡ଼ାସଂଘ କର୍ମକର୍ତ୍ତା ଭବାନୀ ପଣ୍ଡା, ବାବୁ ରାୟ, ମୋହନ ମାଝି, ରାଜେନ୍ଦ୍ର ଗୌଡ଼ ଏଥିରେ ଉପସ୍ଥିତ ଥିଲେ। ଅପରାହ୍ନରେ ଷ୍ଟାଡିୟମରୁ ମଡର୍ଣ୍ଣ ଇଂଲିଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରେହାନଙ୍କୁ କାନ୍ଧେଇ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରକୁ ଆଣିବା ପରେ ତାଙ୍କୁ ତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ପରିଚାଳନା କମିଟି ନିର୍ଦ୍ଦେଶିକା କୁମୁଦବାଲା ମହାନ୍ତି, ସଂପାଦକ ନୟନ ମହାନ୍ତି ଓ ଅଧକ୍ଷା ସୁପ୍ରିୟା ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଅଭିନେତାଙ୍କୁ ରାଜ୍ୟସ୍ତରୀୟ ସମ୍ମାନ



ଅଭିନେତା ପ୍ରକାଶ ମହାନ୍ତିଙ୍କୁ ସମ୍ମାନିତ କରାଯାଉଛି।

ଜୟପୁର,୧୭।୨(ନି.ପ୍ର.): କୋରାପୁଟ ଜିଲା ଜୟପୁର ଶ୍ରୀରାମ ନଗରରେ ରହୁଥିବା ପ୍ରକାଶ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ଭଦ୍ରକ ଜିଲା ତିହିଡ଼ି ନାରାୟଣ ସ୍ମୃତି ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହରେ ତାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କୁ 'ଅପର୍ଣ୍ଣା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶ ମହାନ୍ତି ଆକାଶବାଣୀ ଓ ଦୂରଦର୍ଶନ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଓ ଅଭିନେତା ଭାବରେ ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଚଳଚ୍ଚିତ୍ରରେ କାମ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଶହ ଶହ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇ ସଫଳ କରିଥିବାରୁ ତାଙ୍କୁ ଏହି ରାଜ୍ୟସ୍ତରୀୟ ସମାରୋହରେ ସମ୍ମାନିତ କରାଯାଇଛି।

### ବାଇକ୍ ଜଳିଗଲା, ଯୁବକ ଅର୍ଦ୍ଧଦଗ୍ଧ

ଭଞ୍ଜନଗର,୧୭।୨(ଡି.ଏନ.ଏ)

ତାରସିଂ ଥାନା ଲେମ୍ଭେଇ ଛକରେ ରବିବାର ରାତିରେ ପାଳଗଦା ନିଆଁରେ ଏକ ବାଇକ୍ ଜଳିଯାଇଛି। ଏଥିରେ ତିନିଛକିଆର ଭଞ୍ଜ ପ୍ରଧାନଙ୍କ ହାତ ପାପୁଲି ମଧ୍ୟ ପୋଡ଼ିଯାଇଛି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଞ୍ଜନଗର ହସ୍‌ପିଟାଲକୁ ଆଣିଛନ୍ତି। ଏଥିସହ ଭଞ୍ଜନଗର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛି। ପ୍ରକାଶ ଯେ, ଭଞ୍ଜ କୁଲାଡ଼ରୁ ରାତିରେ ନିଜ ଗ୍ରାମ ତିନିଛକିଆକୁ ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ ବାଟରେ ଲେମ୍ଭେଇ ନିକଟରେ ନିଆଁ ଲାଗି ଜଳୁଥିବା ଏକ ପାଳଗଦା ଭିତରକୁ ଭଞ୍ଜଙ୍କ ବାଇକ୍‌ଟି ପଶିଯାଇଥିଲା। ଭଞ୍ଜ ନିଆଁରୁ ବାହାରି ପାରିଥିଲେ ମଧ୍ୟ ବାଇକ୍‌ଟିକୁ ଉଦ୍ଧାର କରି ପାରି ନ ଥିଲେ। ଫଳରେ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି।

■ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର ରେଳପଥର

# ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ନିଯୁକ୍ତ

ଜୟପୁର,୧୭।୨(ଡି.ଏନ୍.ଏ.)

ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନଗିରି ରେଳପଥ ପାଇଁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଭାବେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ସୌମ୍ୟରଞ୍ଜନ ସାହୁଙ୍କୁ ନିଯୁକ୍ତି ଦେଇଛି। ଏହି ଦୁଇଟି ପ୍ରକଳ୍ପ ପାଇଁ ଜୟପୁରରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ନାମ ଗତ ୧୪ ତାରିଖରେ ଘୋଷଣା କରାଯାଇଛି । ଲାଞ୍ଜିଗଡ଼-ଜୁନାଗଡ଼ ରେଳ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସାହୁଙ୍କ ଜୟପୁର-ନବରଙ୍ଗପୁର ଓ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ସମେତ ଟିଟିଲାଗଡ଼-ବିଜୟନଗରମ ରେଳପ୍ରକଳ୍ପର ତୃତୀୟ ଲାଇନ ନିର୍ମାଣ ପାଇଁ ମଧ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜୟପୁର-ନବରଙ୍ଗପୁର ୩୮ କିମି ଓ ଜୟପୁର-ମାଲକାନଗିରି ୧୩୦ କିମି ରେଳପଥ ପାଇଁ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଗତ ୧୨ ତାରିଖ ନବରଙ୍ଗପୁର ଏମ୍‌ପି ରମେଶ ମାଝି ଏକ ସମୀକ୍ଷା ବୈଠକ କରିଥିଲେ। ଦୁଇ ମାସ ହେଲା ଜୟପୁରସ୍ଥିତ ଭୂ-ଅର୍ଜନ ଅଧିକାରୀ ପଦବୀ ଖାଲି ପଡ଼ିଥିବା ନେଇ ସେଥିରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ଆବଶ୍ୟକ କର୍ମଚାରୀ ଓ ଅଧିକାରୀଙ୍କ ଅଭାବ ସମ୍ପର୍କରେ 'ଧରିତ୍ରୀ'ରେ ଖବର ବାହାରିଥିଲା।

# ବିପଦସଙ୍କୁଳ ବିଦ୍ୟୁତ୍ ତାର, ଖୁଣ୍ଟି, ଟ୍ରାନ୍ସଫର୍ମର ଯାଞ୍ଚ କର

## ଜିଲାପାଳଙ୍କ ନିର୍ଦ୍ଦେଶ

ଜୟପୁର,୧୭।୨(ଡି.ଏନ୍.ଏ.)

ସହର ଓ ଗ୍ରାମାଞ୍ଚଳରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ତାର, ଖୁଣ୍ଟି ଏବଂ ଟ୍ରାନ୍ସଫର୍ମର ଠାବ କରାଯିବା ସହ ଆସନ୍ତା ୧୯ ତାରିଖ ସୁଦ୍ଧା ରିପୋର୍ଟ ଦିଅ। କୋରାପୁଟ ଜିଲାର ସମସ୍ତ ବିଡିଓ ଓ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ମଧୁସୂଦନ ମିଶ୍ର। ଏନେଇ ଜିଲାପାଳ ଗତ ୧୫ ତାରିଖରେ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟତଃ ବିଭିନ୍ନ ବିଦ୍ୟାଳୟ, ଛାତ୍ରାବାସ, ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ସେହିପରି ବିଡିଓମାନେ ପଞ୍ଚାୟତ ଅଧିକାରୀ, ସରପଞ୍ଚ ଓ ବ୍ଲକ ଶିକ୍ଷାଧିକାରୀ, ସିଡିପିଓ, ବ୍ଲକ ମଙ୍ଗଳ ଅଧିକାରୀମାନେ ସେମାନଙ୍କ ନିୟୋଜିତ କର୍ମଚାରୀଙ୍କ ଦ୍ୱାରା ଏହି ଯାଞ୍ଚ କରାଯାଇ ରିପୋର୍ଟ ଦେବେ। ଏଲଟି, ୧୧ କେଭି ଏବଂ ୩୩ କେଭି ବିଦ୍ୟୁତ ତାର, ଖୁଣ୍ଟର ଯାଞ୍ଚ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କିଛିଦିନ ପୂର୍ବରୁ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକରେ ଏକ ବସ୍ ବିଦ୍ୟୁତ ତାର ସ୍ପର୍ଶରେ ଆସିବା ଯୋଗୁ ଦୁର୍ଘଟଣା ଘଟିଥିଲା। ଏଥିରେ ୧୧ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।

# ରୋଗୀଙ୍କୁ ଡରାଉଛି ଅଚଳ ଆମ୍ବୁଲାନ୍ସ

ଜୟପୁର,୧୭।୨(ନି.ପ୍ର.)



ଅଚଳ ପଡିଥିବା ଆମ୍ବୁଲାନ୍ସ।

କୋରାପୁଟ ଜିଲା ଜୟପୁର ଜିଲା ଚିକିତ୍ସାଳୟର ୧୦୮ ଆମ୍ବୁଲାନ୍ସ (ଓଡି୦୨ ଜେ ୫୦୬୭) ଅଚଳ ହୋଇ ପଡ଼ିରହିଛି। ଦିନେ କି ଦୁଇଦିନ ନୁହେଁ, ବରଂ ଦୀର୍ଘ ୨୦ ଦିନ ହେବ ଅଚଳ ଅବସ୍ଥାରେ ରହିଛି। ପୁରୁଣା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଏହା ଖତ ଖାଉଛି। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି।

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାରେ ପ୍ରତ୍ୟେକ ଦିନ ୧୦୮ କିମ୍ବା ୧୦୨ ଆମ୍ବୁଲାନ୍ସ ରାସ୍ତାରେ ଖରାପ ହେଉଛି। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏପରି ଘଟଣା ଦିନ ଦିନ ଘଟୁଛି। ଗତ ୩୦ ଡିସେମ୍ବରରେ କୋରାପୁଟ ଘାଟିରେ ଏକ ଆମ୍ବୁଲାନ୍ସ ଅକାମି ହୋଇଗଲା। ଫଳରେ ସେଥିରେ ଥିବା ରୋଗୀ ଓ ସମ୍ପର୍କୀୟ ପ୍ରାୟ ୨ ଘଣ୍ଟା ସେଠାରେ ଫସିରହି ବହୁ ହଇରାଣ ହୋଇଥିଲେ। ଏହି ଆମ୍ବୁଲାନ୍ସ (ଓଡି୦୨ ଏନ୍ ୪୫୯୬) ରୋଗୀଙ୍କୁ ନେଇ ନବରଙ୍ଗପୁର ଜିଲା ଚିକିତ୍ସାଳୟରୁ କୋରାପୁଟ ମେଡିକାଲ କଲେଜକୁ ଯାଉଥିଲା। ସେଥିରେ ସଡ଼କ ଦୁର୍ଘଟଣାରେ ଗୁରୁତର ଜଣେ ବ୍ୟକ୍ତି ରହିଥିଲେ। କିନ୍ତୁ ଜାତୀୟ ରାଜପଥ ୨୬ର କୋରାପୁଟ ଘାଟି ଘାଟଘୁମରରେ ତାହା ହଠାତ୍ ଅଚଳ ହୋଇଗଲା। ପରେ ଜୟପୁର ଜିଲା ଚିକିତ୍ସାଳୟରୁ ଅନ୍ୟ ଏକ ଆମ୍ବୁଲାନ୍ସ ଆସି ରୋଗୀଙ୍କୁ କୋରାପୁଟ ନେଇଥିଲା। ଗତ ନଭେମ୍ବରରେ ୨ଟି ୧୦୮ ଆମ୍ବୁଲାନ୍ସ ଜୟପୁର ସଦର ଥାନା ନିକଟରେ ଅଚଳ ହୋଇଥିଲା। ସେହି ମାସରେ ହିଁ ଜଣେ ଗର୍ଭବତୀ ମହିଳାଙ୍କୁ କୋରାପୁଟ ନିଆଯାଉଥିବା ବେଳେ ବାଟରେ ଆମ୍ବୁଲାନ୍ସ ଖରାପ ହୋଇଥିଲା। ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ଏହାର ମରାମତି କରୁ ନ ଥିବା ଅଭିଯୋଗ ହେଉଛି। ଜିଲାରେ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଅଧାରୁ ଅଧିକ ଖରାପ ହୋଇ ପଡ଼ିଛି। ବହୁ ଆମ୍ବୁଲାନ୍ସରେ ରୋଗୀମାନେ ବିପଦପୂର୍ଣ୍ଣ ଭାବେ ସ୍ଥାନାନ୍ତର ହେଉଛନ୍ତି। ବିଭାଗ ତୁରନ୍ତ ନୂତନ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ



**ଉମରକୋଟ, ୧୭।୨(ଡି.ଏନ.ଏ)-** ନବରଙ୍ଗପୁର ଜିଲା ଉମରକୋଟ କୋଣ୍ଡାଗାଁ ରୋଡ଼ ସ୍ଥିତ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘ କର୍ମକର୍ତ୍ତା ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ । ସଭାପତି ଭାବେ ମାର୍କଣ୍ଡ ବେବର୍ତ୍ତା ,ଉପସଭାପତି ଉମାକାନ୍ତ ପାଣି,ସମ୍ପାଦକ ଦଣ୍ଡପାଣି ଖାଡେଙ୍ଗା,ସହ ସମ୍ପାଦକ ବୁଦ୍ଧିମାନ ମାଝୀ, କୋଷାଧକ୍ଷ ଘାସିରାମ ବିଶୋଇ , ନିରୀକ୍ଷକ ବାହୁଚରଣ ବିଷୋୟୀ ,ସଙ୍ଗଠନ ସମ୍ପାଦକ ପି.ଏସ ଶିବ ପ୍ରସାଦ ,କାର୍ଯ୍ୟକାରୀ କମିଟି ସଭ୍ୟ ସନ୍ତୁନୁ ସିଂ , ଶାନ୍ତିଲତା ମହାନ୍ତି ,ଜଗନ୍ନାଥ ପ୍ରଧାନ ମନୋନୀତ ହୋଇଥିଲେ । ଉପଦେଷ୍ଟା ମଣ୍ଡଳୀ ଭାବେ ଡକ୍ଟର ସୁରେନ୍ଦ୍ରନାଥ ଦାସ , ବାୟା ଦଳେଇ , ଉମେଶ ଚନ୍ଦ୍ର ଭୁକ୍ତା,ବିଘ୍ନରାଜ ସାନ୍ତ୍ରା, ତ୍ରିନାଥ ରାଓ , ଲୋକନାଥ ମହାପାତ୍ର ଯୋଗ ଦେଇଥିଲେ । ଶେଷରେ ସରୋଜକାନ୍ତ ପଟ୍ଟନାୟକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

### ନିଶା ଦେଇ ଚାଳକଙ୍କ ଠାରୁ ଲୁଟ୍

**କେନ୍ଦୁଝର / ରାଇସୁଆଁ, ୧୭।୨ (ସ୍ୱ.ପ୍ର./ଡି.ଏନ.ଏ.) -**ଘଟଗାଁ ଥାନା ଢେଙ୍କିକୋଟ ନିକଟ ଟୋଲ ପ୍ଲାଜା ନିକଟରେ ଟ୍ରକ ପାର୍କିଂ କରି ଶୋଇଥିବା କେତେକ ଗାଡି ଚାଳକଙ୍କ ଠାରୁ ରବିବାର ରାତିରେ ଲୁଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେମାନେ ନିଜ ନିଜର ଗାଡିଭିତରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କୁ ଚେତାଶୂନ୍ୟ କରି ପକେଟ ଛିଣ୍ଡାଇ ଟଙ୍କା ଲୁଟ କରିନେଇଥିବା ଚାଳକ ରିତେଶ କୁମାର ନାୟକ ଓ ସନ୍ତୋଷ କୁମାର ନାୟକ କହିଛନ୍ତି। ସେମାନଙ୍କ ଘର ଝୁମ୍ପୁରା ବ୍ଲକ ନୟାଗଡ ଅଞ୍ଚଳରେ ବୋଲି ସେ କହିଛନ୍ତି। ସନ୍ତୋଷ ଙ୍କ ଠାରୁ ୧୫,୭୦୦ ଓ ରିତେଶଙ୍କ ଠାରୁ ୯,୫୦୦ ଟଙ୍କା ଲୁଟ ହୋଇଥିବା କହିଛନ୍ତି। ତେବେ ସେମାନେ ଟ୍ରକ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ସେମାନେ ମାଲ ଅନଲୋଡ କରି ଗତ ରବିବାର ରାତିରେ ଫେରିଥିଲେ। ରାତି ହୋଇଯିବାରୁ ଟୋଲ ପ୍ଲାଜା ନିକଟରେ ଗାଡି ସାଇଡ କରି ସେମାନେ ଶୋଇଯାଇଥିଲେ। ସକାଳେ ତାଙ୍କୁ ଅନ୍ୟ ଗାଡିର କର୍ମଚାରୀ ମାନେ ଆସି ଉଠାଇଥିଲେ ଏବଂ କଣ ଯିବ ନାହିଁ ବୋଲି ପଚାରିଥିଲେ । ସେତେବେଳେ ତାଙ୍କ ଆଖି ଅଠା ଭଳି ଲାଗିଯାଇ ଖୋଲି ନ ଥିଲା । ଏଣୁ ନିଶା ଦିଆଯାଇଥିବା ମନେ କରିଥିଲେ ବୋଲି କହିଛନ୍ତି। ଉଠିବା ପରେ ପକେଟରେ ପର୍ସ ନ ଥିବା ଦେଖିଥିଲେ । ଏପରି ୪/୫ ଟି ଗାଡିର ଚାଳକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ସେମାନେ କହିଛନ୍ତି। ଏନେଇ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ ହେଁ କେହି ଶୁଣିନଥିବାରୁ ଘରକୁ ପଳାଇ ଆସିଥିଲେ ବୋଲି କହିଛନ୍ତି। ଏକ ନିର୍ଦ୍ଦିଷ୍ଟ ଲୁଟେରା ଗ୍ୟାଙ୍ଗ ଏଭଳି ଅଭିନବ ଉପାୟରେ ଲୁଟ କରୁଥିବା କୁହାଯାଉଛି। ଏଣୁ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗାଡି ଚାଳକ ମାନେ ଦାବି କରିଛନ୍ତି। ଟୋଲ ପ୍ଲାଜାରେ ଲାଗିଥିବା ସିସିଟିଭି ଯାଞ୍ଚ ହେଲେ ସତ୍ୟାସତ୍ୟ ଜଣାପଡିବ ବୋଲି ମତ ପ୍ରକାଶ ପାଉଛି ।

# ସିଏଏ, ଏନଆରସି, ଏନପିଆରକୁ ବିରୋଧ

**ନବରଙ୍ଗପୁର,୧୭।୨(ବି.ପ୍ର.)**

କେନ୍ଦ୍ର ସରକାର ସିଏଏ, ଏନଆରସି ଓ ଏନପିଆର ଆଇନ ବିରୋଧରେ ଅନୁସୂଚିତ ଜନଜାତି ଓ ଜାତି, ପଛୁଆବର୍ଗ, ଖ୍ରୀଷ୍ଟିୟାନ ଓ ମୁସଲମାନ ଏକତା ମଞ୍ଚ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଚାଉଁରିଆଗୁଡା ଠାରୁ ଆରମ୍ଭ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର ଗ୍ରହଣ କରିଥିଲେ । ଏହାର ଏକ ନକଲ ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମଧ ପ୍ରଦାନ କରାଯାଇଥିଲା । ନବରଙ୍ଗପୁର ଜିଲାର ୯୫ ଭାଗ ଏସଟି, ଏସସି, ପଛୁଆବର୍ଗ, ସଂଖ୍ୟାଲଘୁ ଖ୍ରୀଷ୍ଟିୟାନ ଓ ମୁସଲମାନ ଲୋକ ବସବାସ କରୁଛନ୍ତି । ସରକାର ସିଏଏ, ଏନଆରସି ଓ ଏନପିଆର ଆଇନ ଲାଗୁ କରି ସମ୍ବିଧାନକୁ ଲୋପ କରିବାକୁ ଯାଉଛନ୍ତି । ତେଣୁ ଏହି ଆଇନକୁ ଲାଗୁ ନକରିବାକୁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ୨୦୨୦-୨୧ ଜନଗଣନାରେ ଏସଟି,ଏସସି ଓ ପଛୁଆବର୍ଗର ଲୋକଙ୍କୁ ତାଙ୍କର ନିଜସ୍ୱ ବିଶ୍ୱାସ, ଧର୍ମ ଓ ପରମ୍ପରାକୁ କିପରି ଠିକ ଭାବେ ଦର୍ଶାଇ ପାରିବେ ଭାରତ ସରକାର ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବିରେ ଜଣାଇଛନ୍ତି। ଦେଶରେ ଧର୍ମ ଆଧାରରେ ନାଗରୀକ ସଂଶୋଧନ ଆଇନକୁ ଲାଗୁ ନ କରିବା, ଆନୁବଂଶିକ ଗୁଣସୂତ୍ର ଆଧାରରେ ଭାରତୀୟ ଜନଗଣନା କରାଯାଉ, ଭାରତର ନିର୍ବାଚନ ପ୍ରକ୍ରିୟା ଇଭିଏମ ଆଧାରରେ ନହୋଇ ବାଲାଟ ପେପର ମାଧ୍ୟମରେ ପୂର୍ବଭଳି ଭୋଟଦେବା ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି । ଜିଲାର ଏସଟି, ଏସସି, ଓବିସି, ଖ୍ରୀଷ୍ଟିୟାନ ଓ ମୁସଲମାନ ମାଇନୋରିଟି ଏକତା ମଞ୍ଚ ନାଁରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହାପରେ ସର୍କିଟହାଉସ ସାମନା ପଡିଆରେ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ସମାବେଶ କରାଯାଇଥିଲା। ଏଥିରେ ବକ୍ତାମାନେ କେନ୍ଦ୍ର ଭାଜପା ସରକାର ବିରୋଧରେ ତୀବ୍ର ସମାଲୋଚନା କରିଥିଲେ । ମୁସଲମାନ ସମାଜର ସଭାପତି ଏମ.ଡି. ସାଇନ, ସହଜାଦ ଖଲନ, ଜିଲା ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ ପରିଷଦର ସଭାପତି ସୁଧିର ପାତ୍ର, ସମ୍ପାଦକ ଗୌରବ କାଉରୀ, ଜିଲା ଦଳିତ ଜାତି ବିକାଶ ପରିଷଦ ସଭାପତି ଭଗବାନ ବେରାଗୀ, ଚୁନିଲାଲ ମିର୍ଜା, ଓକିଲ ଏନ.ଅହମ୍ମଦ, ଦଳିତ ନେତା ଲଳିତ ମୋହନ ନାୟକ, ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ସଭାପତି ଚନ୍ଦ୍ରଧ୍ୱଜ ମାଝୀ, ପ୍ରବୀର ପାତ୍ର, ରାଜେଶ ଜାନି, ତାଜ ଇମ୍ରାନ ସାରିଫ, ଓକିଲ ସିରାଜୁଦ୍ଦିନ ଅହମ୍ମଦ, ଦିବାକର ପୂଜାରୀ ଓ ଦିବ୍ୟଦାନ ସୁନା, ସୁକାନ୍ତ ନାଗ, ହାରାବତି ଗଣ୍ଡ, ଖାଲିଦ ଜିଲାନୀ, କ୍ଷେମରାଜ ବାଘ, ବିକ୍ରମ ନାଗ, ଶିଶିର ପରିଚ୍ଛା, ବିଏସପି ନେତା ନରହରି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ । ତେବେ ଜିଲାରେ ଏକତା ମଞ୍ଚ ନାଁରେ ଏତେବଡ ଶୋଭାଯାତ୍ରା ପ୍ରଥମ ଥର ପାଇଁ ହୋଇଥିଲା । ପ୍ରାୟ ଦୁଇ କିମି ପର୍ଯ୍ୟନ୍ତ ଶୋଭାଯାତ୍ରା ଲମ୍ବି ରହିଥିଲା ।



ବାହାରିଥିବା ଶୋଭାଯାତ୍ରା ।

## ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ ବଣ୍ଟନ ସଚେତନତା

**ଡାବୁଗାଁ, ୧୭।୨ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ପିଏମ କିଷାନ ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ ବଣ୍ଟନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଜିଲା କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଜିଲା କୃଷି ଅଧିକାରୀ ପିଏମ କିଷାନ କ୍ରେଡିଟ କାର୍ଡର ସର୍ତ୍ତାବଳୀ ଉପରେ ଆଲୋଚନା କରିଥିଲେ । ଏଥିରେ ସମସ୍ତ କୃଷି ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ସଚେତନତା ଶିବିର ମାନ ଆୟୋଜନ କରି ହିତାଧିକାରୀଙ୍କୁ ପିଏମ କିଷାନ କ୍ରେଡିଟ କାର୍ଡ ଉପରେ ସଚେତନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ କୃଷକ ସାଥୀ ମାନେ ପ୍ରତ୍ୟେକ ଗ୍ରାମରେ ପିଏମ କିଷାନ ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ ସମ୍ବନ୍ଧରେ ବୁଝାଇ ବ୍ୟାଙ୍କ ମାନଙ୍କୁ ପଠାଇ କେସିସି କାର୍ଡ କରାଇବା ପାଇଁ ସଚେତନ କରିବେ। ଏଥିରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ବିଧୂତ ଶେଖର ମିଶ୍ର, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ମନୋରଞ୍ଜନ ମାଝୀ, ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଜଗଦୀଶ ତରାସିଆ, କୃଷି ଅଧିଦର୍ଶକ ଭୀମସେନ ନାୟକ, କେ. ଭୀମା ରାଓ, ସୁଶିଲ କୁମାର ଦାସ ଓ ଝରଣା ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ସୁଶାନ୍ତ କୁମାର ରାଉତ,ଏଟିଏମ କେ. ଉଦୟ କୁମାରୀ ଓ କୃଷକ ସାଥୀ ମାନେ ଉପସ୍ଥିତ ଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

## ଧାମନାଗୁଡାରେ ମାଘ ମଣ୍ଡେଇ



ସଭାରେ ଉପସ୍ଥିତ ଅତିଥିମାନେ।

**ଡାବୁଗାଁ, ୧୭।୨ (ଡି.ଏନ.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧାମନାଗୁଡା ଗ୍ରାମ ଛକସ୍ଥିତ ମା' ପେଣ୍ଡ୍ରାଣୀ ମନ୍ଦିର ପଡିଆରେ ମାଘ ମଣ୍ଡେଇ ରବିବାର ପାଳିତ ହୋଇଯାଇଛି। ଧାମନାଗୁଡା ପଞ୍ଚାୟତ ଅଧୀନ ୧୦ଟି ଗ୍ରାମରୁ ଲାଠି, କୁର୍ଚି, ପାଲିଙ୍କି ଅଣାଯିବା ସହ ଶିରା ଓ ଦିଶାରିମାନେ ଢୋଲ, ମାଦଳ ଓ ବିଭିନ୍ନ ବାଦ୍ୟର ତାଳେ ତାଳେ ନୃତ୍ୟ କରି ଅପରାହ୍ନରେ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇ ଧାମନାଗୁଡା ସାପ୍ତାହିକ ହାଟକୁ ଉଦଘାଟନ କରିଥିଲେ । ପରେ ଧାମନାଗୁଡା ପୂର୍ବତନ ସରପଞ୍ଚ ରାମଧର ମାଝୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଏମପି ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଝରିଗାଁ ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ପନକା, ଉମରକୋଟ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପୂଜାରୀ, ଡାବୁଗାଁ ବ୍ଲକ ଭତ୍ରା ସମାଜ ସଭାପତି ହିରେଣ୍ୟ ମାଝୀ, ଝରିଗାଁ ବ୍ଲକ ଭତ୍ରା ସମାଜ ସଭାପତି ଟିକଚନ୍ଦ ମାଝୀ, ଧାମନାଗୁଡା ସରପଞ୍ଚ ସୁନାମଣି ମାଝୀ, ସମିତିସଭ୍ୟ ଯୁଧିଷ୍ଠିର ହରିଜନ, ଚାଟିଗୁଡା ପୂର୍ବତନ ସରପଞ୍ଚ ଫଗୁଣ ମାଝୀ, ଦୁର୍ଗାପ୍ରସାଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ କଳାହାଣ୍ଡି ଜିଲାର ଘୁମୁରା ନୃତ୍ୟ ଓ ଦେଶିଆ ନାଟ (ଆଦିବାସୀ ନାଟକ) ପରିବେଷଣ କରାଯାଇଥିଲା । ଏଥିରେ ବିଭିନ୍ନ ଗ୍ରାମରୁ ବହୁ ଲୋକଙ୍କ ସମାଗମ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କମିଟିର ଚୈତନ ପନକା, ଶଙ୍କର ଗାଣ୍ଡା, ଗୋପୀ ଗୌଡ, ଭଗବାନ ଭତ୍ରା ଓ ଉର୍ଦ୍ଧବ ଭତ୍ରା ପ୍ରମୁଖ ପରିଚାଳନା କରିଥିଲେ।

### ଟ୍ରକ ଧକ୍କାରେ ଡ୍ରାଇଭର ମୃତ

**କେନ୍ଦୁଝର, ୧୭।୨ (ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଶିରିସପାଳ ୨୦ନମର ଜାତୀୟ ରାଜପଥର ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରୁ ଏକ ଟ୍ରକ ଧକ୍କା ଦେବାରୁ ଡ୍ରାଇଭର ଟ୍ରକ ଭିତରେ ଚାପି ହୋଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ ଏକ ଚଡ଼ଦ ଚକିଆ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବାବେଳେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ଟ୍ରକ ପଛରୁ ଧକ୍କା ଦେଇଥିଲା । ମୃତକ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଆଲିଆସାହି ବେଲାଗୁଣ୍ଠର ବୁଲୁ ଜେନା(୪୧)। ଖବର ପାଇ ଟାଉନ ପୋଲିସ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ କାଟି ଉଦ୍ଧାର କରିଥିଲା।

## ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ଦାବିପତ୍ର

**ନବରଙ୍ଗପୁର,୧୭।୨(ବି.ପ୍ର.)-** ଓଡିଶା ରାଜସ୍ୱ ଅମଲା ସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ୪ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ୫ପ୍ରତିଶତ ମହଙ୍ଗାଭତ୍ତା ପିଛିଲା ଭାବେ ୧ଜୁଲାଇ ୨୦୧୯ରୁ ପ୍ରଦାନ କରିବା, ବର୍ଦ୍ଧିତ ଦରମାର ବକେୟା ୬୦ପ୍ରତିଶତ ତୁରନ୍ତ ପ୍ରଦାନ କରିବା, ଓଆରଏସପି ରୁଲ ୨୦୧୭ ଅନୁଯାୟୀ ବର୍ଦ୍ଧିତ ଘରଭଡା ପ୍ରଦାନ କରିବା, ଅନୁକମ୍ପାମୂଳକ ନିଯୁକ୍ତିରେ ଚତୁର୍ଥଶ୍ରେଣ ପଦବୀରେ ନିଯୁକ୍ତି ନିଷ୍ପତ୍ତ ସମ୍ବନ୍ଧରେ ସରକାରଙ୍କ ଚିଠି ସଂଖ୍ୟା ୨୨୩୭, ତା ୨୧.୧.୨୦ କୁ ପ୍ରତ୍ୟାହାର କରାଯିବାକୁ ଦାବି କରାଯାଇଛି । ଜିଲାପାଳ ମିଶ୍ରଙ୍କୁ ଭେଟି ସଂଘର ଜିଲାସଭାପତି ଆଶୁତୋଷ ମହାନ୍ତି ଦାବି ପତ୍ର ପ୍ରଦାନ କରିଥିଲେ । ଉପସଭାପତି ଧନୁର୍ଜୟ ମାଝୀ, କୋଷାଧକ୍ଷ ସୁଶାନ୍ତ ନାୟକ, ଉପଦେଷ୍ଟା କେ.ଅଶୋକ ଚକ୍ରବର୍ତ୍ତୀ, ମାର୍ଟିନ ସୁନା, ଭି.କ୍ରିଷ୍ଣା ବେଣୀ, ବବିନା ସୁଲତନା, ରାଧାନନ୍ଦ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ,ଚିରଞ୍ଜନ ପାତ୍ର , ସୁଲୋଚନା ସାହୁ ଓ ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କନ୍ଦମୂଳ ଚାଷ ଦ୍ୱାରା ଚାଷୀ ହୋଇ ପାରିବେ ଲାଭବାନ୍

**ନବରଙ୍ଗପୁର,୧୭।୨(ବି.ପ୍ର.)-**

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷ ଠାରେ ଜିଲାରେ ଚାଷୀ କନ୍ଦମୂଳ ଚାଷ କରି କିଭଳି ଲାଭବାନ୍ ହୋଇ ପାରିବେ ସେ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରୀୟ କନ୍ଦମୂଳ ଫସଲ ଗବେଷଣା ସଂସ୍ଥା ଭୁବନେଶ୍ୱର ପକ୍ଷରୁ ଏହି କର୍ମଶାଳା ଆୟୋଜିତ କରାଯାଇଥିଲା । କନ୍ଦମୂଳ, ଖାମଆଳୁ, ସେମଳିକନ୍ଦା, ଉଲରୁ କିଭଳି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ହୋଇ ପାରିବ ତାହା ପ୍ରଦର୍ଶନ କରାଯାଇଥିଲା । ସିଟିସିଆରଆଇର ପ୍ରଧାନ ବୈଜ୍ଞାନିକ ଡଃ. ନନ୍ଦୁଚେଜିଆନ ଏହି କର୍ମଶାଳାରେ ଉପସ୍ଥିତ ରହି କନ୍ଦ ଫସଲରୁ କିଭଳି ଅଧିକ ରୋଜଗାର ହୋଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ । କନ୍ଦମୂଳ ଫସଲ ଦୈବ ଦୁର୍ବିପାକ ଦ୍ୱାରା କୌଣସି କ୍ଷତି ଘଟିବ ନାହିଁ । ଅନ୍ୟ ଚାଷ ସହିତ ମିଶ୍ରିତ ଭାବେ କରି ପାରିବେ । କୌଣସି ଚାଷରେ କ୍ଷତି ଘଟିଲେ କନ୍ଦମୂଳ ଚାଷ ଉକ୍ତ କ୍ଷତିକୁ ଭରଣ କରି ପାରିବ । ଆଧୁନିକ ଜ୍ଞାନ କୌଶଳ ବ୍ୟବହାର ଦ୍ୱାରା କନ୍ଦମୂଳ ଫସଲ ମାଧ୍ୟମରେ ଚାଷୀ ଅଧିକ ଉପାର୍ଜନ କରିପାରିବେ । ଏ ନେଇ ବିଭିନ୍ନ ନମୁନା ପ୍ରଦର୍ଶନ କରିଥିଲେ । ଜିଲା ମୁଖ୍ୟ କୃଷିଅଧିକାରୀ ବ୍ରଜ କିଶୋର ଲେଙ୍କା ବୈଜ୍ଞାନିକ ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା ନବରଙ୍ଗପୁର ଜିଲାରେ କନ୍ଦମୂଳ ଫସଲ ମୂଲ୍ୟଯୁକ୍ତ ସାମଗ୍ରୀର ଚାହିଦା ରହିଥିବା ଓ ଉଦ୍ୟୋଗୀଙ୍କ ପାଇଁ ଭରପୂର ସୁଯୋଗ ମଧ୍ୟ ରହିଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ମାନଙ୍କ ସମେତ ୨୦ ଚାଷୀ ଉପସ୍ଥିତ ଥିଲେ । ଏହି କର୍ମଶାଳାକୁ ରଶ୍ମୀ ରଞ୍ଜନ ସାହୁ, ସଂଜୟ କୁମାର ମହାନ୍ତି ସହଯୋଗ କରିଥିଲେ ।



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

## ପୂର୍ବ ଶତ୍ରୁତାକୁ ନେଇ କରତରେ ଆକ୍ରମଣ, ୨ ଆହତ

**ଖଇରା, ୧୭।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବଡନୂଆଗାଁ ପଞ୍ଚାୟତ ଅଧୀନ ଗେଙ୍ଗୁଟିଆ ଶାସନରେ ପୂର୍ବର ଜମିବାଡି ଭାଗକୁ ନେଇ ୨ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଗୋଟିଏ ପକ୍ଷର ଦିବାକର ପାଢ଼ୀଙ୍କର ଏକ କରତ ଆକ୍ରମଣରେ ଅନ୍ୟପକ୍ଷର ସେବତୀ ପାଢ଼ୀ ଓ ତାଙ୍କ ଜ୍ୱାଇଁ ଗଜେନ୍ଦ୍ର ମିଶ୍ର ଗୁରୁତର ଆହତ ହୋଇଛନ୍ତି। ଏନେଇ ଖଇରା ଥାନାରେ ଅଭିଯୋଗ ହୋଇଛି। ସେବତୀ ପାଢ଼ୀଙ୍କ ଅଭିଯୋଗ ଅନୁଯାୟୀ ସେ ସୋମବାର ସକାଳେ ମାର୍କୋଣାରୁ ଡାକ୍ତର ଦେଖାଇ ଘରକୁ ଫେରୁଥିବା ବେଳେ ରାସ୍ତାରେ ଦିବାକର ଏବଂ ସହଯୋଗୀମାନେ ଆକ୍ରମଣ କରିଥିଲେ। ଏହାକୁ କେତେକ ଲୋକ ଦେଖି ମିରିପୁର ଶାସନ ଖଇରା ଗ୍ରାମର ଝିଅ ଜ୍ୱାଇଁଙ୍କୁ ଖବର ଦେବା ପରେ ସେମାନେ ପହଞ୍ଚିବା ପରେ ତାଙ୍କ ଉପରେ ମଧ ଆକ୍ରମଣ କରିବା ସହ ଗହଣାପତ୍ର ଛଡାଇ ନେଇଥିବା ନେଇ ଉଲ୍ଲେଖ କରିଛନ୍ତି। ଖଇରା ଥାନାରେ ଏକ ମାମଲା(ନଂ. ୩୭/୨୦) ରୁଜୁ କରାଯାଇଛି।

## ବିବେକାନନ୍ଦଙ୍କ ଆର୍ଦଶରେ ଅନୁପ୍ରାଣିତ ହୁଅ



ଅତିଥିମାନେ ବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**ଉମରକୋଟ, ୧୭।୨(ଡି.ଏନ.ଏ)**

ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମପି ରମେଶ ଚନ୍ଦ୍ର ମାଝି, ସ୍ୱତନ୍ତ୍ର ଅତିଥି ବିଧାୟକ ନିତ୍ୟାନନ୍ଦ ଗଣ୍ଡ , ମୁଖ୍ୟବକ୍ତା ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଭୁକ୍ତା, ସମ୍ମାନିତ ଅତିଥି ବିଇଓ ବିକାଶ ଚନ୍ଦ୍ର ସରକାର, ଏହି ବିଦ୍ୟାଳୟର ଶିଶୁବର୍ଗର ସଭାପତି ଝାଡେଶ୍ୱର ମହାନ୍ତି, ମୋ ସ୍କୁଲ ଅଭିଯାନର ସଭାପତି ନିରଞ୍ଜନ ସ୍ୱାଇଁ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଶାନ୍ତନୁ କୁମାର ବାହିନୀପତି ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରେଶ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଶିକ୍ଷକ ତ୍ରିପତି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ ।ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଯୋଜନାର ଅଭିଭାବକମାନଙ୍କ ଭୂମିକା ସମ୍ପର୍କରେ କହିବା ସହ ବିଦ୍ୟାଳୟର ବିକାଶ ପାଇଁ ପାଣ୍ଠିରୁ ଅର୍ଥ ପ୍ରଦାନ କରିବା ନିମନ୍ତେ ଏମପି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ନୈତିକ ଶିକ୍ଷାର ଆବଶ୍ୟକତା ସହ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ଅନୁଦାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ବିଇଓ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ସମର୍ପଣ'ର ନବମ ସଂସ୍କରଣ ଉନ୍ମୋଚିତ କରାଯାଇଥିଲା ।ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ନିସ୍ୱାର୍ଥପର ଭାବେ ବିଦ୍ୟାଳୟକୁ ବିଭିନ୍ନ କ୍ଷେତ୍ରରେ ସେବା ପ୍ରଦାନ କରୁଥିବା ଶରତ କୁମାର ପ୍ରଧାନ, ବିରେନ୍ଦ୍ର ସାହୁ, ତନୁଜା ବିଶ୍ୱାସ, ସୁରେଶ କୁମାର ସୁରଜଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ର ରାଜୀବ କୁମାର ପଣ୍ଡାଙ୍କୁ ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ସ୍ମୃତି ସକାଶେ ମଧୁସ୍ମିତା ପରିଡା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

### ନିୟମ ଅନୁଯାୟୀ କ୍ଷତିପୂରଣ ଦେବାକୁ ଦାବି

**ନବରଙ୍ଗପୁର,୧୭।୨(ବି.ପ୍ର)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ସରୁଗୁଡା, ମୁଣ୍ଡିଗୁଡା, ଦହଣା, ମେଂଟ୍ରି, ଘଟରଲିଆଗୁଡା ଗ୍ରାମ ଅଞ୍ଚଳରେ ଗ୍ରୀଡକୋ ପକ୍ଷରୁ ଜବରଦସ୍ତ ଭାବେ ଜମିରେ ୩୩ କେ.ଭି ଟାୱାର ନିର୍ମାଣ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରୀଡକୋ ପକ୍ଷରୁ ନନ୍ଦାହାଣ୍ଡି ବ୍ଲକ ଅଞ୍ଚଳରୁ ତେନ୍ତୁଳିଖୁଣ୍ଟି ବ୍ଲକ ପର୍ଯ୍ୟନ୍ତ ଏହି ଟାୱାର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନିର୍ମାଣ କାର୍ଯ୍ୟ ଗୋଟିଏ ଠିକା ସଂସ୍ଥା କରୁଛି । ଟାୱାର ନିର୍ମାଣ ସ୍ୱରୂପ କେତେକ ଜମି ମାଲିକଙ୍କୁ ୪ହଜାର ଟଙ୍କା ଦେଇଥିବା ବେଳେ ଅନ୍ୟ କେତେକ ଚାଷୀଙ୍କୁ ଆଦୌ ଟଙ୍କା ନଦେଇ ଧମକ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି । ତେବେ ବି.ମାଳିଗୁଡା ଓ ନିମ୍ବାହାଣ୍ଡିରେ ଟାୱାର ନିର୍ମାଣ ବାବଦକୁ ଜମି ମାଲିକଙ୍କୁ ୨୦ ହଜାରରୁ ୨୫ ହଜାର ଟଙ୍କା ଦିଆଯାଇଛି । ତେଣୁ ଜମିରେ ଟାୱାର ନିର୍ମାଣର କ୍ଷତିପୂରଣ ନିୟମ ପ୍ରକାରେ ଦିଆଯିବାକୁ ଉପଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ ଦିଆଯାଇଛି । ଗ୍ରାମର ଈଶ୍ୱର ମାଝୀ, ଦୟାନିଧି ମାଝୀ, ଭଗବାନ ଗୌଡ, ସାହେବ ମାଳି, ଗୋବର୍ଦ୍ଧନ ମାଳି, ସୁଦର୍ଶନ ନାୟକ, ରତନମାଳି, ଘାସରାମ ନାୟକ ସମେତ ୨୦ ଜଣଙ୍କ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗ କରିଛନ୍ତି । ନନ୍ଦାହାଣ୍ଡି (ଡଙ୍ଗରଭେଜା) ତହସିଲଦାରଙ୍କୁ ଏଥିପୂର୍ବରୁ ଦୁଇ ଥର ଅଭିଯୋଗ ମଧ ଗ୍ରାମବାସୀ କରିଛନ୍ତି । ଅନ୍ୟ ପକ୍ଷେ ଠିକାଦାର ପାହାଡ ଉପରେ ବେଆଇନ ପଥର ଫଟାଇ ଟାୱାର ନିର୍ମାଣ କରୁଥିବା ଚାଷୀ ମାନେ ଅଭିଯୋଗ ଆଣିଛନ୍ତି।



ଉପଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

